ମୁଁ କାହିଁକି ନାସ୍ତିକ

ଭଗତ ସିଂ

ଅନୁସୃଜନ :

କୁଳମଣି ଜେନା

ଡଃ ନଗେନ ଦାସ

ମୁଁ କାହିଁକି ନାସ୍ତିକ

ଭଗତ ସିଂ

ଅନୁସୃଜନ :

କୁଳମଣି ଜେନା

ଡଃ ନଗେନ ଦାସ

Digitized by srujanika@gmail.com

ଲିଟିଲ୍ ବେଷ୍ଟ୍ ସିରିଜ୍ - ୭

ମୁଁ କାହିଁକି ନାସ୍ତିକ

ଭଗତ ସିଂ

ଅନୁସୃଜନ :

କୁଳମଣି ଜେନା

ଡଃ ନଗେନ ଦାସ

ପ୍ରକାଶକ :

ପୁସ୍ତକ ଆନ୍ଦୋଳନ

୨୮୫, କଟକ ରୋଡ଼

ଭୁବନେଶ୍ୱର - ୬

ପ୍ରଥମ ପ୍ରକାଶ :

ଅଗଷ୍ଟ - ୨୦୦୬

ମୂଲ୍ୟ - ୭/-

Digitized by srujanika@gmail.com

ମୁଁ ଯେ ଈଶ୍ୱରରେ ବିଶ୍ୱାସ କରେନା - ସେନେଇ ମୋ ସଂପର୍କରେ ଅଭିଯୋଗ ହେଲା - "ଏହା ମୋର ଅହଂକାର" । ଆଲୋଚନା ପ୍ରସଙ୍ଗରେ କିଛି ବନ୍ଧୁ ମୋତେ ସୂଚାଇ ଦେଇଛନ୍ତି ଯେ - ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବା ମୋର ଦମ୍ଭ ବା ଔଦ୍ଧତ୍ୟ ହୋଇପାରେ ।

ଅବଶ୍ୟ ଏହା ସ୍ୱୀକାର କରିବାରେ ମୋର କୌଣସି ଆପତ୍ତି ନାହିଁ ଯେ ମୁଁ (ଭଗତ୍ ସିଂ) ଅସଂଖ୍ୟ ସାଧାରଣ ମଣିଷମାନଙ୍କ ମଧ୍ୟରୁ ଜଣେ । ଏତଦ୍ ଅତିରିକ୍ତ ଅନ୍ୟ କିଛି ନୁହଁ । ଯେହେତୁ ମୁଁ ମଣିଷ ତେଣୁ ମଣିଷ ଭିତରେ ଥିବା ସମସ୍ତ ଦୁର୍ବଳତା ଯଥା ଗର୍ବ, ଅହଂକାର ଇତ୍ୟାଦି ମୋ ପାଖରେ ରହିବା ସ୍ୱାଭାବିକ । ସଂଗଠନ ମଧ୍ୟରେ ସାଧାରଣ ବ୍ୟବହାର କ୍ଷେତ୍ରରେ ମୋତେ କେହି କେହି ଏକଛତ୍ରବାଦୀ ବୋଲି ଅଭିଯୋଗ କରିଥାନ୍ତି । ସାଥୀ ବି. କେ. ଦତ୍ତ ବେଳେବେଳେ ସେଇ ଆଖ୍ୟା ଦେଇ ମୋତେ ଡାକନ୍ତି । ଅନ୍ୟକେତେକ ବନ୍ଧୁଙ୍କର ମୋ ସଂପର୍କରେ ଅଭିଯୋଗ ହେଲା, "ମୁଁ ନିଜ ଧାରଣାରେ ଅଟଳ ଅନ୍ୟମାନଙ୍କ ଉପରେ ମୁଁ ମୋର ଧାରଣାକୁ ଲଦି ଦେଇଥାଏ । ତାଛଡ଼ା ମୋର ପ୍ରସ୍ତାବକୁ କୌଣସି ମତେ ଅନ୍ୟମାନଙ୍କଦ୍ୱାରା ଗୃହୀତ କରାଇ ନେଇଥାଏ ।" ଅବଶ୍ୟ ଏହାକୁ ଅସ୍ୱୀକାର କରିବାରେ ମୋର କୌଣସି ଆପତ୍ତି ନାହିଁ । ମୋ ସମ୍ପର୍କରେ ଉପରୋକ୍ତ ଅଭିଯୋଗମାନ ଗ୍ରହଣୀୟ ଏହା ମୁଁ ସ୍ୱୀକାର କରୁଛି । ଆମ ସଂସ୍କୃତି ବା ଚଳଣି ମଧ୍ୟରେ ଥିବା ଅହଂକାର ରୋଗର ସଂକ୍ରମଣରେ ମୁଁ ବି ସଂକ୍ରମିତ । ଏହା ଆମ ସମସ୍ତଙ୍କ ମନରେ ଉଦ୍‌ବେଗ ଓ ଆନ୍ଦୋଳନ ସୃଷ୍ଟିକରିବା ଦରକାର । ଆତ୍ମମ୍ଭରିତା ବା ଅହଂକାର ମଣିଷ ମଧ୍ୟରେ ଥିବା ଅଯଥା ଗର୍ବଜନିତ କାରଣରୁ ସୃଷ୍ଟି ହୋଇଥାଏ । ଯଦି ତା'ହୁଏ ତାହେଲେ ଜଣ ଧରି ନିଆଯିବ ଯେ ଅଯଥା ଗର୍ବ ଓ ଅହଂକାର ମୋତେ ନାସ୍ତିକ ବନେଇ ଦେଇଛି । ମୋ ଧାରଣାରେ ଏ ପ୍ରକାର ଅଭିଯୋଗ ମୋ ପାଇଁ ପ୍ରଯୁଜ୍ୟ ନୁହଁ । ମୁଁ ଈଶ୍ୱରରେ ବିଶ୍ୱାସ କରେନା ଏହା ମୋର ଗର୍ବ, ଅହଂକାରଜନିତ କାରଣରୁ ନୁହଁ । ବରଂ କୁହାଯାଇପାରେ ଯେ ମୋର ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାର ଏକମାତ୍ର ଆଧାର ମୋର ସତ୍ୟନିଷ୍ଠ ଅଧ୍ୟୟନ ।

Digitized by srujanika@gmail.com

ମୁଁ କାହିଁକି ଈଶ୍ୱରରେ ବିଶ୍ୱାସ କରେନା ତା'ର କାରଣ ନିରୂପଣ କରିବା ପୂର୍ବରୁ ପ୍ରଥମେ ପୂର୍ବ ପ୍ରସଙ୍ଗ ଗର୍ବ ବା ଅହଂକାରର ଈଶ୍ୱର ବିଶ୍ୱାସ ବା ଅବିଶ୍ୱାସ ସହ କୌଣସି ସଂପର୍କ ଅଛି କି ନାହିଁ, ଆଲୋଚନା କରାଯାଇପାରେ । ବସ୍ତୁତଃ ଆମେ ଏକ ବିରାଟ ବ୍ୟକ୍ତିତ୍ୱକୁ ଅସ୍ୱୀକାର କରିପାରିବା ସେତେବେଳେ ଯେତେବେଳେ ଆମେ ନିଜେ ସେହି ବ୍ୟକ୍ତିତ୍ୱର ସମକକ୍ଷ ବା ପାଖାପାଖି ହୋଇଥିବା । ସମ୍ଭବତଃ ଏହା ଅପରିହାର୍ଯ୍ୟ । କିନ୍ତୁ ଈଶ୍ୱର ବିଶ୍ୱାସ କରୁଥିବା ଲୋକ ଅହଂକାରୀ ହୋଇ ଉଠିଲେ ନାସ୍ତିକ ହୋଇଉଠିବ ଏହା ପଛରେ କ'ଣ ବା ଯୁକ୍ତି ଥାଇପାରେ ? କିମ୍ବା ଅହଂକାର ଯୋଗୁଁ ଜଣେ ନାସ୍ତିକ ହେବ ଏହା କ'ଣ ଏକ ଯୁକ୍ତି ? ଏଠାରେ ମଣିଷର ଈଶ୍ୱର ବିଶ୍ୱାସ ବୈଚିତ୍ର୍ୟର ଦୁଇଟି ଦିଗ ସମ୍ପର୍କରେ ସୂଚାଇ ଦିଆଯାଇପାରେ । ପ୍ରଥମଟି ହେଲା, ଈଶ୍ୱରଙ୍କୁ ନିଜ ପ୍ରତିଦ୍ୱନ୍ଦ୍ୱୀ ବିଚାରିବା, ଦ୍ୱିତୀୟରେ ନିଜକୁ ଈଶ୍ୱର ବୋଲି ଭାବିବା । ଏହି ଉଭୟ କ୍ଷେତ୍ରର ମଣିଷମାନେ ନାସ୍ତିକ ମନେହୋଇ ପାରନ୍ତି । ବସ୍ତୁତଃ ଏ ଧରଣର ଲୋକମାନେ କିନ୍ତୁ ନାସ୍ତିକ ନୁହଁନ୍ତି । ତା'ର କାରଣ ହେଲା ଏହି ଉଭୟ କ୍ଷେତ୍ରର ମଣିଷମାନଙ୍କ ମଧ୍ୟରୁ କେହିବି ଈଶ୍ୱରର ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି ନାହିଁ । ଜଣେ ନାସ୍ତିକ ଭାବରେ ମୁଁ କିନ୍ତୁ ଉପରବର୍ଣ୍ଣିତ କୌଣସି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହଁ । ମୁଁ ସେମାନଙ୍କ ଭଳି ଈଶ୍ୱରଙ୍କ ପ୍ରତିଦ୍ୱନ୍ଦ୍ୱୀ ନୁହଁ ବା ଅବତାର ମଧ୍ୟ ନୁହଁ । ମୁଁ ଜଣେ ନାସ୍ତିକ ଏବଂ କାହିଁକି ନାସ୍ତିକ ଏ ବିଷୟରେ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରିବି । ତା ପୂର୍ବରୁ ପୁଣିଥରେ ମୋର ଅହଂକାର ମୋର ନାସ୍ତିକତାର ମୂଳହେତୁ ବୋଲି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବନ୍ଧୁମାନଙ୍କୁ କହି ଦିଏ ଯେ କୌଣସି ଭୁଲ୍ ବୁଝାମଣାର ଶିକାର ହୋଇ ମୁଁ ନାସ୍ତିକ ନୁହଁ । କଥାହେଲା ଦିଲ୍ଲୀ ବୋମା ଆତଙ୍କ ଓ ଲାହୋର ଷଡ଼ଯନ୍ତ୍ର ମାମଲା ବିଚାର ସମୟରେ ମୁଁ ଗୁଡ଼ାଏ ଅଯଥା ଲୋକପ୍ରିୟ ହୋଇ ଉଠିଲି ଏବଂ ବନ୍ଧୁମାନଙ୍କ ମତରେ ତତ୍‌ଜନୀତ ଅହଂକାର ହିଁ ମୋତେ ନାସ୍ତିକ ହେବାକୁ ପ୍ରରୋଚିତ କରିଛି । କିନ୍ତୁ ବନ୍ଧୁମାନଙ୍କ ଅଭିଯୋଗ ଅମୂଳକ । ଅଯଥା ଭୁଲ୍ ବୁଝାମଣାର ଶିକାର ନହୋଇ ମୋର ବନ୍ଧୁମାନେ ଜାଣିବା ଦରକାର ଯେ ପ୍ରକୃତରେ ମୁଁ କାହିଁକି ନାସ୍ତିକ ? ନାସ୍ତିକତା ପ୍ରତି ଆଗ୍ରହ ବା ମୁଁ ନାସ୍ତିକ ହେବା ଘଟଣା ଏବର ନୁହଁ । ମୁଁ ଯେତେବେଳେ ଅଜ୍ଞାତ ଯୁବକ ସେଇ ଦିନଠାରୁ ମୁଁ ଈଶ୍ୱରଙ୍କଠାରୁ ଆସ୍ଥା ହରାଇ ବସିଛି । ସମ୍ଭବତଃ ସେଇଦିନଠାରୁ ହିଁ ମୁଁ ନାସ୍ତିକ

Digitized by srujanika@gmail.com

ପାଲଟିଛି । ଯେତେଦୂର ମନେହୁଏ ମୋର ବନ୍ଧୁମାନେ ପ୍ରାୟ ଏ ବିଷୟରେ ଜାଣନ୍ତି ନାହିଁ । ଜଣେ କଲେଜ ଛାତ୍ର ଭାବରେ ସେସମୟରେ ମୋ ପାଖରେ ଏପରି କିଛି ଯୋଗ୍ୟତା ନଥିଲା ଯାହାକୁ ନେଇ ମୁଁ ଗର୍ବ ଓ ଅହଂକାରର ବଶବର୍ତ୍ତୀ ହୋଇପାରିଥାନ୍ତି ଓ ସେଇ କାରଣ ହେତୁ ନାସ୍ତିକ ପାଲଟିଥାନ୍ତି । ମୋର ନାସ୍ତିକ ହେବାର କାରଣ ମୋର ଗର୍ବ ବା ଅହଂକାର ନୁହଁ । ଛାତ୍ରାବସ୍ଥାରେ ମୁଁ ଅଧ୍ୟବସାୟୀ ଓ ପ୍ରଜ୍ଞାବାନ ଛାତ୍ର ନଥିଲି । ସେଥିପାଇଁ ଗର୍ବ ଓ ଅହଂକାର ପୋଷଣ କଲାଭଳି ମଧ କୌଣସି କାରଣ ମୋ ପାଖରେ ନଥିଲା । ସେତେବେଳେ ମୁଁ ବେଶ୍ ଲାଜକୁଳା ଥିଲି । ଅଧିକନ୍ତୁ ମୁଁ ଆଦର୍ଶ ଜୀବନ ସଂପର୍କରେ ଆଶାବାଦୀ ଥିଲି । ତାରି ଭିତରେ ନାସ୍ତିକ ଭାବନା ହୁଏତ ମୋ ଭିତରେ ଖୁବ୍ ଝାପ୍ସା, ଝାପ୍ସା ହୋଇ ଧରା ଦେଇଥିଲା ! ମୋଟାମୋଟି ଭାବରେ କହିବାକୁ ଗଲେ ସେଇ ଆଦ୍ୟ ଜୀବନରେ ମୋର ନାସ୍ତିକତାର ଅହଂକାର ନଥିଲା । ଏଠାରେ କହି ରଖିବା ଆବଶ୍ୟକ ଯେ ମୋତେ ମୋର ଜେଜେଙ୍କ ତତ୍ତ୍ୱାବଧାନରେ ବାଲ୍ୟଜୀବନ କଟାଇବାକୁ ପଡ଼ିଥିଲା । ଏବଂ ମୋର ଜେଜେ ଜଣେ ରକ୍ଷଣଶୀଳ ଆର୍ଯ୍ୟ ସମାଜୀ ଥିଲେ । ଜଣେ ଆର୍ଯ୍ୟ ସମାଜର ସଭ୍ୟ ଅନ୍ୟ ଯାହାହେଉନା କାହିଁକି ନାସ୍ତିକ ନୁହଁନ୍ତି । ପ୍ରାଥମିକ ଶିକ୍ଷା ସମାପ୍ତି ପରେ ମୋତେ ଲାହୋରର ଡି.ଏ.ଭି ସ୍କୁଲରେ ଯୋଗଦେବାକୁ ପଡ଼ିଲା । ସେଇ ବୟସରେ ମୁଁ ସକାଳ ସଂଧାର ପ୍ରାର୍ଥନା ବାଦ୍ ଘଣ୍ଟା ଘଣ୍ଟା ଧରି ଗାୟତ୍ରୀ ମନ୍ତ୍ର ଜପ କରୁଥିଲି । ଏହା ନିଶ୍ଚିତ ଯେ କୈଶୋରର ସେ ସମସ୍ତ ଦିନମାନଙ୍କରେ ମୁଁ ଜଣେ ସଚ୍ଚା ଭକ୍ତଥିଲି । କିଛିଦିନ ପରେ ଜେଜେଙ୍କ ପରିବର୍ତ୍ତନ ମୋତେ ମୋର ବାପାଙ୍କର ତତ୍ତ୍ୱାବଧାନରେ ରହିବାକୁ ପଡ଼ିଲା । ମୋର ବାପା ଥିଲେ ଜଣେ ଉଦାରଚେତା ବ୍ୟକ୍ତି । ତାଙ୍କରିଠାରୁ ଶିକ୍ଷା ଓ ପ୍ରେରଣା ଲାଭକରି ମୁଁ ସ୍ୱାଧୀନତାର ଲକ୍ଷ୍ୟପଥରେ ଜୀବନକୁ ପରିଚାଳିତ କରିବାର ସ୍ୱପ୍ନ ଦେଖିଥିଲି । ବାପା କିନ୍ତୁ ନାସ୍ତିକ ନଥିଲେ । ସେ ଥିଲେ ଚରମ ଆସ୍ତିକ । ସେ ମୋତେ ଦୈନିକ ପ୍ରାର୍ଥନା ପାଇଁ ଉତ୍ସାହ ଦେଉଥିଲେ । ଏହି ପ୍ରକାର ସ୍ଥିତି ମଧ ଦେଇ ମୁଁ ମୋର ବାଲ୍ୟ ଓ କୈଶୋର ଜୀବନ ଅତିବାହିତ କରିଥିଲି । ଅସହଯୋଗ ଆନ୍ଦୋଳନ କାଳରେ ମୁଁ ଜାତୀୟ ମହାବିଦ୍ୟାଳୟରେ ଯୋଗଦିଏ । କଲେଜ ଛାତ୍ର ହେବା ସମୟରେ ମୋ ଭିତରେ କ୍ରମଶଃ ମୁକ୍ତଚିନ୍ତାର ବିକାଶ ଘଟିଲା । ଇତି ମଧରେ ମୁଁ ଅଭ୍ୟସ୍ତ ହୋଇ ଉଠିଲି

Digitized by srujanika@gmail.com

ଧର୍ମୀୟ ସମସ୍ୟା ସମ୍ପର୍କରେ ଆଲୋଚନା, ସମାଲୋଚନା ସକାଶେ । ସେଦିନର ସେଇ ଛାତ୍ର ଜୀବନରେ ଈଶ୍ୱର ମଧ୍ୟ ଆମର ଚର୍ଚ୍ଚା ପରିସର ଭିତରକୁ ଆସିଗଲେ । କିନ୍ତୁ ସେ ପର୍ଯ୍ୟନ୍ତ ବି ମୁଁ ଉପାସନା ଓ ଭକ୍ତି ଭାବନାକୁ ସଂପୂର୍ଣ୍ଣ ପରିତ୍ୟାଗ କରିନଥିଲି । ସେତେବେଳେ ମୁଁ ଦାଢ଼ୀ ଓ ଲମ୍ବାଚୁଳ ରଖୁଥିଲି । ଶିଖ୍‌ଧର୍ମୀୟ ଗ୍ରନ୍ଥ ଓ ଚିନ୍ତା ଉପରେ ମୋର କିଛି ବିଶ୍ୱାସ ନଥିଲା । ତେବେବି ମୁଁ ଆସ୍ତିକ ହୋଇ ରହିଥାଏ । ଏହାର କିଛିଦିନ ବାଦ୍ ଛାତ୍ର ଅବସ୍ଥାରେ ମୁଁ ବିପ୍ଳବୀ ସଂଗଠନରେ ଯୋଗଦେଲି । ବିପ୍ଳବୀ ସଂଗଠନରେ ଯୋଗ ଦେଲାପରେ ମୁଁ ପ୍ରଥମେ ଯେଉଁ ନେତାଙ୍କୁ ଭେଟିଲି ସେ ନେତା ଜଣକ ଈଶ୍ୱରଙ୍କ ଅସ୍ତିତ୍ୱ ବିପକ୍ଷରେ ସ୍ୱର ଉତ୍ତୋଳନ କରିବାକୁ ସାହସ କରୁନଥିଲେ । ତାଙ୍କଠାରୁ ମୁଁ ଯେତେବେଳେ ଈଶ୍ୱର ବିଶ୍ୱାସ ସଂପର୍କରେ ମତାମତ ଲୋଡ଼ିଲି - ସେ ମୋତେ "ଯଦି ତୁମର ଉପାସନା କରିବାର ଇଚ୍ଛା ହେଉଛି ତାହା ତମେ କରିପାର" ବୋଲି କହିଲେ । ଏହାପରେ ଦଳର ଯେଉଁ ଦ୍ୱିତୀୟ ନେତାଙ୍କ ସଂସ୍ପର୍ଶରେ ଆସିଲି ସେ ଥିଲେ ପ୍ରବଳ ଭାବରେ ବିଶ୍ୱାସୀ । ତାଙ୍କର ନାମ ସଚୀନ୍ଦ୍ରନାଥ ସାନ୍ୟାଲ୍ । ସେ ବର୍ତ୍ତମାନ କରାଚୀ ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ହୋଇ ଆଜୀବନ ଦେଶାନ୍ତରୀ ସଜା ଭୋଗୁଛନ୍ତି । ତାଙ୍କର "ବନ୍ଦୀ ଜୀବନ" ବୋଲି ଏକ ପୁସ୍ତକର ପ୍ରଥମ ପୃଷ୍ଠାରୁ ହିଁ ସେ ଈଶ୍ୱରଙ୍କ ପ୍ରବଳ ପ୍ରଶସ୍ତି ଗାନ କରିଛନ୍ତି । ଏହି ବହିର ଦ୍ୱିତୀୟ ଅଂଶର ଶେଷ ପୃଷ୍ଠାରେ ବେଦାନ୍ତର ପ୍ରଶଂସା ଛଳରେ ସେ ଈଶ୍ୱର ବିଶ୍ୱାସ ଓ ମାୟାବାଦ ପ୍ରତି ଆକୃଷ୍ଟ ହୋଇ ପଡ଼ିଛନ୍ତି । ୧୯୨୫ ମସିହା ଜାନୁଆରୀ ୨୮ରେ ଭାରତ ବ୍ୟାପୀ ବଣ୍ଟା ଯାଇଥିବା ବିପ୍ଳବୀ ପ୍ରଚାର ପତ୍ର ଏହି ନେତାଙ୍କର ବୌଦ୍ଧିକ ପରିଶ୍ରମର ଫଳ ବୋଲି ତାଙ୍କ ନାମରେ ରୁଜୁ ହୋଇଥିବା କେଶ୍‌ର ଅଭିଯୋଗ ପତ୍ରରୁ ଜଣାପଡ଼େ । ଏହି ପ୍ରଚାର ପତ୍ରର ପ୍ରଥମ ଅନୁଚ୍ଛେଦଟିକୁ ସେ ମାୟାବାଦ ଆଧାରିତ ଈଶ୍ୱର ସଂପର୍କୀୟ ପ୍ରଶଂସାରେ ବ୍ୟୟ କରିଛନ୍ତି । ବସ୍ତୁତଃ ଗୁପ୍ତ କାର୍ଯ୍ୟର ଅନିବାର୍ଯ୍ୟତା ସତ୍ତ୍ୱେ ବିପ୍ଳବୀ ଦଳର ନେତା ଯଦି କୌଣସି ବ୍ୟକ୍ତିଗତ ଚିନ୍ତାକୁ ଦଳ ମଧ୍ୟରେ ପ୍ରକାଶ କରିଥାନ୍ତି ସେ ଚିନ୍ତା ସହ ଦଳର ଅନ୍ୟ ବହୁ ସଦସ୍ୟଙ୍କ ମତ ପାର୍ଥକ୍ୟ ଥିଲେବି, ଦଳୀୟ କର୍ମୀମାନେ ସଚରାଚର ନେତାଙ୍କର ସେଇ ମତାମତକୁ ଗ୍ରହଣ କରିନେଇଥାନ୍ତି ।

Digitized by srujanika@gmail.com

ମୁଁ ଯୋଗ ଦେଇଥିବା ସଂଗଠନ ବା ଦଳର ଅବସ୍ଥା ଏପରି ଥିଲା ଯେ ଉପରୋକ୍ତ ନେତାଙ୍କ ଠାରୁ ଆରମ୍ଭ କରି ଅନ୍ୟ ନେତା ଓ କାକୋରୀ ଷଡ଼ଯନ୍ତ୍ର ମାମଲାରେ ଯେଉଁ ଚାରିଜଣ ସାଥୀ ଶହୀଦ ହୋଇଥିଲେ ସେମାନେ ସମସ୍ତେ ବିପ୍ଳବୀ ଦଳରେ ଥାଇବି ଈଶ୍ୱର ବିଶ୍ୱାସ ପରିହାର କରିପାରିନଥିଲେ । ଉଦାହରଣ ସ୍ୱରୂପ ରାମପ୍ରସାଦ ବିସ୍ମିଲ୍ଲା ଜଣେ ରକ୍ଷଣଶୀଳ ଆର୍ଯ୍ୟ ସମାଜୀ ଥିଲେ । ସମାଜବାଦ ଓ ସାମ୍ୟବାଦ ସଂପର୍କରେ ପ୍ରଚୁର ଅଧ୍ୟୟନ ସତ୍ତ୍ୱେ ରାଜେନ୍ ଲାହିରୀ ଉପନିଷଦ ଓ ଗୀତାର ସ୍ତୋତ୍ର ଆବୃତ୍ତି କରିବାରୁ ନିଜକୁ ନିବର୍ତ୍ତାଇ ପାରୁନଥିଲେ । ମୋ ଜାଣିବାରେ ସେମାନଙ୍କ ମଧ୍ୟରୁ କେବଳ ଜଣେ ସାଥୀ ଆଦୌ ପ୍ରାର୍ଥନା କରୁନଥିଲେ ଏବଂ ତାଙ୍କଠାରୁ ଶୁଣିବାକୁ ମିଳୁଥିବା ଦର୍ଶନ ହେଉଛି ମଣିଷର ଚିର ଦୁର୍ବଳତା ଓ ଜ୍ଞାନ ସୀମାବଦ୍ଧତାର ଫଳ, କିନ୍ତୁ ସେ ମଧ୍ୟ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାର ସାହସ ପୋଷଣ କରିପାରିନଥିଲେ । ସେ ସେତେବେଳେ ନିର୍ବାସିତ କାରାଜୀବନ ଯାପନ କରୁଥିଲେ ।

ପ୍ରଥମେ ପ୍ରଥମେ ଦଳରେ ଯୋଗଦେବା ସମୟରେ ମୁଁ ଜଣେ କଳ୍ପନା ବିଳାସୀ ଭାବବାଦୀ ବିପ୍ଳବୀ ଥିଲି । ସେପର୍ଯ୍ୟନ୍ତ ମୁଁ ଓ ଅନ୍ୟମାନେ ଆମେ ସମସ୍ତେ କେବଳ ନେତାଙ୍କୁ ଅନୁସରଣ କରି ଚାଲିଥିଲୁ । ବର୍ତ୍ତମାନ ଆମମାନଙ୍କ ପକ୍ଷରେ ସବୁକିଛି ଦାୟିତ୍ୱ ବହନ କରିବାର ସମୟ ଆସିଗଲା । ଗୋଟାଏ ସମୟରେ ଅବଶ୍ୟମ୍ଭାବୀ ପରିଣତି ସ୍ୱରୂପ ଦଳର ଅସ୍ତିତ୍ୱରକ୍ଷା ଅସମ୍ଭବ ମନେ ହୋଇଥିଲା । ଉତ୍ସାହୀ ସାଥୀମାନେ କେବଳ ନୁହନ୍ତି ଏପରିକି ଦଳର କେତେକ ତୁଙ୍ଗ ନେତାମାନେ ମଧ୍ୟ ଆମକୁ ବିଦ୍ରୁପ କରିବାକୁ ଆରମ୍ଭ କରିଦେଇଥିଲେ । ଏପରିକି ମୁଁ ମଧ୍ୟ ଆଶଙ୍କା ପ୍ରକାଶ କରୁଥିଲି ଯଦି ପରିସ୍ଥିତି ଏଇଭଳି ରହେ ତେବେ ମୁଁ ବି ଦିନେ ଆମ ନିଜ ପ୍ରସ୍ତୁତ କାର୍ଯ୍ୟକ୍ରମର ଅସହାୟତାକୁ ଉପଲବ୍ଧି କରିବି । ସେଇ ସମୟଟି ଥିଲା ମୋର ବିପ୍ଳବୀ ଜୀବନର ଏକ ନୂଆ ମୋଡ଼ ସଦୃଶ । ଅଧ୍ୟୟନ, କେବଳ ଗଭୀର ଅଧ୍ୟୟନ ହିଁ ସେ ସମୟର ଏକମାତ୍ର ଆବଶ୍ୟକତା ଥିଲା । ଏହା ମୋର ମନ ମଧ୍ୟରେ ପ୍ରତିଧ୍ୱନୀ ତୋଳିଥିଲା ଓ ମୋତେ ଚେତାଇ ଦେଉଥିଲା । ସେଦିନ ମୁଁ ଅନୁଭବ କରୁଥିଲି ଯେ କେବଳ ଅଧ୍ୟୟନ ଜରିଆରେ ଆମେ ପ୍ରତିପକ୍ଷର ବର୍ଦ୍ଧିତ ବିରୋଧର ସମ୍ମୁଖୀନ ହୋଇପାରିବା । ଏଥିସହ ମୁଁ ଭାବୁଥିଲି ଆମର ନିଜସ୍ୱ

Digitized by srujanika@gmail.com

ଭାବଧାରାର ସୁରକ୍ଷା ପାଇଁ ମଧ ଅଧ୍ୟୟନର ଆବଶ୍ୟକତା ରହିଛି । ଏହି ସମୟରେ ସେତେବେଳେ ମୋର କାମ ଥିଲା କେବଳ ନିଜସ୍ୱ ଅଧ୍ୟୟନକୁ ଆଗେଇନେବା । ଯାହାର ପରିଣତି ସ୍ୱରୂପ ମୋ ଭିତରେ ପୂର୍ବ ବିଶ୍ୱାସ ଓ ଚିନ୍ତା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିବାର ମୁଁ ଲକ୍ଷ୍ୟକଲି । ହିଂସାତ୍ମକ ପଦ୍ଧତି ସପକ୍ଷରେ ଅଯଥା ସ୍ୱପ୍ନିଳତା ଯାହା ମୋର ପୂର୍ବସୂରୀମାନଙ୍କର ଦୁର୍ବଳତା ଥିଲା ତାହା ଏବର ଅଧ୍ୟୟନ ଲବ୍ଧ ନୂତନ ଅନୁଭୂତି ଓ ଭାବଧାରା ଦ୍ୱାରା ଅପସାରିତ ହୋଇଗଲା । ମାୟାବାଦ ଓ ଅନ୍ଧବିଶ୍ୱାସ ନୁହଁ, ବାସ୍ତବତା ବା ବାସ୍ତବବାଦ ହିଁ ଆମର ସଂସ୍କୃତି ଧେୟ ହେବା କଥା – କେବଳ ଅଧ୍ୟୟନ ମାଧ୍ୟମରେ ଏହା ମୋ ନିକଟରେ ସୁସ୍ପଷ୍ଟ ହୋଇ ଉଠିଲା । ବସ୍ତୁନିଷ୍ଠ ଅଧ୍ୟୟନ ସେଦିନ ମୋତେ ସୂଚାଇ ଦେଇଥିଲା ଯେ, ବିପ୍ଳବୀ ଆନ୍ଦୋଳନରେ ଆବଶ୍ୟକ ପଡ଼ିଲେ ହିଂସାର ପ୍ରୟୋଗ କରାଯାଇପାରେ । ନତୁବା ଅହିଂସା ପ୍ରତିରୋଧ ହିଁ ଗଣ ଆନ୍ଦୋଳନର ଅପରିହାର୍ଯ୍ୟ ଆବଶ୍ୟକତା । ଯେଉଁ ଆଦର୍ଶ ପାଇଁ ଆମର ସଂଗ୍ରାମ, ଯାହାପାଇଁ ଆମେ ଲଢୁଛୁ ସେ ସଂପର୍କରେ ସ୍ପଷ୍ଟ ଧାରଣା ସେତେବେଳେ ଆମ ପାଇଁ ଅତିଆବଶ୍ୟକ ହୋଇପଡ଼ିଥିଲା । ସେତେବେଳେ ଆମ ଦଳର ନଗଦ୍ କିଛି କାର୍ଯ୍ୟକ୍ରମ ନଥିବାରୁ ମୁଁ ସମୟ ପାଉଥିଲି ଏ ବାବଦରେ ପ୍ରଚୁର ଅଧ୍ୟୟନ କରିବା ସକାଶେ । ଏହି ଅବସରରେ ବିଶ୍ୱବିପ୍ଳବର ଆଦର୍ଶ ଓ ଧାରା ସଂପର୍କରେ ମୋର କିଛିଟା ପରିଚୟ ଘଟିଥିଲା । ମୁଁ ସେତିକି ବେଳେ ନୈରାଶ୍ୟବାଦୀ ନେତା ବାକୁନିକ୍, ସାମ୍ୟବାଦର ପ୍ରବକ୍ତା ମାର୍କ୍ସଙ୍କୁ କିଛିଟା ଅଧ୍ୟୟନ କରିବା ସହ ଲେନିନ୍ ଓ ଟ୍ରଟ୍‌ସ୍କିଙ୍କ ରଚନାମାନ ଅପେକ୍ଷାକୃତ ଅଧିକ ଅନୁଶୀଳନ କରିଥିଲି । ଏମାନଙ୍କୁ ଅଧ୍ୟୟନ କରିବା ମଧ୍ୟଦେଇ ମୁଁ ଜାଣିବାକୁ ପାଇଥିଲି ଏମାନେ ସମସ୍ତେ ନାସ୍ତିକ ଥିଲେ । କ୍ଷୁଦ୍ର ହେଲେ ମଧ ବାକୁନିନ୍‌ଙ୍କର ଈଶ୍ୱର ବିଷୟକ ଏକ ଆକର୍ଷକ ରଚନା ମୁଁ ପଢ଼ିଥିଲି ।

ପରେ ମୁଁ ନିରାଲମ୍ବ ସ୍ୱାମୀଙ୍କର "ସାଧାରଣ ଜ୍ଞାନ" ପୁସ୍ତକର ସଂପର୍କରେ ଆସିଥିଲି । ଏହା ରହସ୍ୟବାଦୀ ନାସ୍ତିକତାର ଏକ ସୁନ୍ଦର ପୁସ୍ତକ ଥିଲା । ଏଇପରି କିଛି ଘଟଣା ଓ ମୋର ନିରନ୍ତର ଅଧ୍ୟୟନ କ୍ରମଶଃ ମୋତେ ନାସ୍ତିକତା ବିଷୟଟି ପ୍ରତି ଅଧିକ ଆଗ୍ରହୀ କଲା । ସଠିକ ରୂପେ ୧୯୨୬ ମସିହା ଶେଷବେଳକୁ ମୁଁ ପୂରାପୂରି ନାସ୍ତିକ ପାଲଟିଗଲି ଓ ସେତେବେଳକୁ ମୁଁ ଅନୁଭବ କଲି ଈଶ୍ୱର ନାମକ

Digitized by srujanika@gmail.com

କୌଣସି ସର୍ବଶ୍ରେଷ୍ଠ ଓ ସର୍ବଶକ୍ତିମାନଙ୍କର ଅସ୍ତିତ୍ୱ ନାହିଁ ଯାହାଙ୍କଦ୍ୱାରା ବିଶ୍ୱବ୍ରହ୍ମାଣ୍ଡ ନିୟନ୍ତ୍ରିତ ବା ପରିଚାଳିତ । ଏହାପରେ ମୁଁ ନାସ୍ତିକ ବୋଲି ବନ୍ଧୁ ମହଲରେ ନିଜକୁ ଘୋଷଣା କଲି ଓ ସଂପୃକ୍ତ ବିଷୟରେ ଅଧିକରୁ ଅଧିକ ଆଲୋଚନା ଆରମ୍ଭ କରିଦେଲି । ଏବେ ଯେ ମୁଁ ଏକ ବହୁ ପରିଚିତ ଘୋଷିତ ନାସ୍ତିକ ଯାହା ଉପରେ ଅଧିକ ଆଲୋଚନା କରାଯାଇପାରେ ।

ମେ ୧୯୨୭ରେ ମୋତେ ଲାହୋରରେ ଗିରଫ କରାଗଲା । ଘଟଣାଟି ଥିଲା ଆକସ୍ମିକ । ମୁଁ ଜାଣିନଥିଲି ଯେ ପୋଲିସ୍ ମୋର ତଲାସ କରୁଛି । ମୁଁ ଏକ ବଗିଚା ଭିତର ଦେଇ ଯାଉଥିଲାବେଳେ ହଠାତ୍ ଚତୁର୍ଦ୍ଦିଗରୁ ପୋଲିସ୍‌ମାନେ ମୋତେ ଘେରି ଯାଇଥିଲେ । ମୁଁ ନିଜେ ବି ବିସ୍ମିତ ହୋଇଥିଲି ଯେ ସେ ସମୟରେ ମୁଁ କିପରି ବ୍ୟସ୍ତ ବିବ୍ରତ ନ ହୋଇ ଶାନ୍ତ ରହିପାରିଥିଲି । ଏପରିକି ପୋଲିସ ମୋତେ ଘେରିଯାଇ ଗିରଫ କଲାପରେ ତତ୍‌ଜନିତ କୌଣସି ସ୍ନାୟୁ ବୈକଲ୍ୟ ମୁଁ ଅନୁଭବ କରିନଥିଲି । କୌଣସି ମାନସିକ ଉତ୍ତେଜନାର ମଧ ଶିକାର ହୋଇନଥିଲି । ପରେ ମୋତେ ପୋଲିସ୍ ହେପାଜତରେ ରହିବାକୁ ପଡ଼ିଲା । ପ୍ରଥମ ମାସଟିଏ ମୋତେ ରେଳବାଇ ପୋଲିସ୍ ହାଜତରେ କଟାଇବାକୁ ହେଲା । ମାସାଧିକ କାଳ ପୋଲିସ୍ ଅଫିସରମାନଙ୍କ ଗ୍ରହଣରେ ରହି ସେମାନଙ୍କ ସହ କଥାବାର୍ତ୍ତାରୁ ମୁଁ ଅନୁମାନ କଲି ଯେ କାକୋରୀ ଦଳ ସହ ମୋର ଯୋଗାଯୋଗ ଓ ବିପ୍ଳବୀ ଆନ୍ଦୋଳନ ଭିତରେ ମୋର କାର୍ଯ୍ୟକଳାପ ସଂପର୍କରେ ସେମାନଙ୍କ ପାଖରେ କିଛି ତଥ୍ୟ ଅଛି । ସେମାନେ ମୋତେ ଜଣାଇଲେ ଯେ ଲକ୍ଷ୍ନୌ ବିଚାର ସମୟରେ ମୁଁ ସେଠାକୁ ଯାଇଥିଲି । ମୁଁ ସେମାନଙ୍କ (ବନ୍ଦୀମାନଙ୍କର) ମୁକ୍ତି ସକାଶେ କିଛି ଯୋଜନା ପ୍ରସ୍ତୁତ କରିଥିଲି ଏବଂ ସେଇ ଯୋଜନା ମୁତାବକ ଆମେ କିଛି ବୋମା ସଂଗ୍ରହ କରିଥିଲୁ । ପରୀକ୍ଷାମୂଳକ ଭାବେ ସେଇ ବୋମାରୁ ଆମେ ଗୋଟିଏ ୧୯୨୬ ମସିହାର ଦଶହରା ଜନଗହଳି ମଧକୁ ନିକ୍ଷେପ କରିଥିଲୁ । ସେମାନେ ମୋ ସ୍ୱାର୍ଥରେ ମୋତେ ପ୍ରଭାବିତ କରିବାକୁ ଚେଷ୍ଟା କରି କହିଥିଲେ ଯେ ଯଦି ମୁଁ ସେମାନଙ୍କୁ ଆମର ବିପ୍ଳବୀ ଦଳ ସଂପର୍କରେ କିଛି ତଥ୍ୟ ଯୋଗାଇଦେବି ସେମାନେ ମୋତେ ମୁକ୍ତ କରିଦେବେ ଓ କିଛି ପୁରସ୍କାର ମଧ ଦେବେ । ତା ଛଡ଼ା ମୋତେ କୋର୍ଟକୁ ଚାଲାଣ କରିବେ ନାହିଁ । ପ୍ରସ୍ତାବଟି ଥିଲା ଛଳନାରେ ଫେଣ୍ଟାଫେଣ୍ଟି ତଥା ହାସ୍ୟ ଉଦ୍ଦୀପକ । ମୁଁ

Digitized by srujanika@gmail.com

ପ୍ରସ୍ତାବଟିକୁ ଶୁଣିଲା ପରେ ବହେ ହସିଥିଲି । ମନେ ମନେ ଭାବିଥିଲି ଆମ ଚିନ୍ତାଧାରାର ଲୋକେ ନିରୀହ ଲୋକଙ୍କ ଉପରକୁ କଦାପି ବୋମା ଫିଙ୍ଗି ନ ପାରନ୍ତି ଏକଥା କାହାକୁ ବୁଝାଇ କହିବା ଦରକାର ନାହିଁ । ଏକ ସୁନ୍ଦର ସକାଳରେ ଗୁପ୍ତ ପୋଲିସ ବିଭାଗର ବରିଷ୍ଠ ଏସ୍.ପି., ମିଃ. ନ୍ୟୁ ମ୍ୟାନ୍ ମୋ ନିକଟରେ ହାଜର ହୋଇ ବେଶ୍ ଦରଦଭରା କଥା କହିଥିଲେ । ପରେ ଦୁର୍ଭାଗ୍ୟକୁ ସେ ମୋତେ ଜଣାଇଥିଲେ ଯେ ମୁଁ ଯଦି ତାଙ୍କ ଚାହିଁବା ମୁତାବକ ବକ୍ତବ୍ୟ ନଦିଏ ତାହେଲେ ସେମାନେ ବାଧହୋଇ, ମୋ ନାଁରେ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା (କାକୋରୀ ଘଟଣାକୁ ନେଇ) ଓ ଦଶହରା ବୋମା ନିକ୍ଷେପ ଓ ନୃଶଂସ ହତ୍ୟା ସହ ଜଡ଼ିତ ଥିବା ମୋକଦ୍ଦମା ରୁଜୁ କରିବେ । ସେ ମୋତେ ଜଣାଇଥିଲେ ଏବଂ ଭୟଭୀତ କରାଇବାକୁ ଚାହିଁଥିଲେ ଯେ ଉକ୍ତ ଅଭିଯୋଗକୁ ସତ୍ୟ ସାବ୍ୟସ୍ତ କରିବା ପାଇଁ ତାଙ୍କ ପାଖରେ ଯଥେଷ୍ଟ ପ୍ରମାଣ ଅଛି । ଯେଉଁ ପ୍ରମାଣ ଭିତ୍ତିରେ ମୋର ମୃତ୍ୟୁ ଦଣ୍ଡ ବି ହୋଇପାରେ । ସେଦିନ ମୁଁ ଅନୁଭବ କରିଥିଲି ଯଦିଓ ମୁଁ ସଂପୂର୍ଣ୍ଣ ନିର୍ଦ୍ଦୋଷ ଓ ନିରୀହ ତଥାପି ପୋଲିସ ଚାହିଁଲେ ଯାହା କହୁଛନ୍ତି ତାହା କରିପାରିବେ ।

ଏହାପରେ ମୁଁ ମୃତ୍ୟୁ ଆଶଙ୍କା ଜର୍ଜରିତ ବୋଲି ମନେକରି ମୋତେ କିଛି ପୁଲିସ୍ ଭାଇ ଭଗବାନଙ୍କୁ ଦୁଇବେଳା ଉପାସନା କରିବାକୁ ଉପଦେଶ ଦେଇଥିଲେ । ସେତେବେଳେ ମୁଁ ପୂରାପୂରି ନାସ୍ତିକ ଥିଲି । ତଥାପି ଏହାଥିଲା ମୋପାଇଁ ଏକ ପରୀକ୍ଷାର ବେଳ । ଶାନ୍ତ ସୁଖଦାୟକ ମୁହୂର୍ତ୍ତରେ ନାସ୍ତିକ ହେବା ଏବଂ ମୃତ୍ୟୁପାଇଁ ଦିନ ଗଣୁଥିବା ବେଳେ ନାସ୍ତିକ ହେବା ଏକା କଥା ନୁହଁ । ମୁଁ ନିଜେ ନିଜକୁ ପରୀକ୍ଷା କରି ଦେଖୁଥିଲି । ଏହି ଦୁର୍ଦ୍ଦିନରେ ମୁଁ ନିଜ ଚିନ୍ତାରେ ଅବିଚଳିତ ରହିପାରୁଛି କି ନାହିଁ ଏହାଥିଲା ମୋ ପାଇଁ ଏକ ଚ୍ୟାଲେଂଜ୍ । ମୁଁ ଜାଣିଥିଲି ଈଶ୍ୱରଙ୍କୁ ବିଶ୍ୱାସ କଲେ ମଣିଷର ଦୁଃଖ ହାଲ୍କା ହୋଇଯାଏ । ବେଳେ ବେଳେ ଏହା ମାନବ ଭୋଗୁଥିବା କ୍ଳେଶକୁ ସୁନ୍ଦର, ମଧୁର ଓ ଆନନ୍ଦଦାୟକ କରି ଗଢ଼ିତୋଳେ । ଈଶ୍ୱରଙ୍କଠାରେ ସମର୍ପଣ କରିବା ଭିତର ଦେଇ ମଣିଷ ସାନ୍ତ୍ୱନା ଓ ସମର୍ଥନ ଲାଭ କରେ । ଈଶ୍ୱରଙ୍କ ବିନା ମଣିଷକୁ ଯେ ନିଜ ଗୋଡ଼ରେ ଛିଡ଼ା ହେବାକୁ ପଡ଼ିବ । ଅନ୍ୟ ସମୟ ହୋଇଥିଲେ କଥାଟା ଭିନ୍ନ ହୋଇଥାନ୍ତା କିନ୍ତୁ ଝଡ଼ବାତ୍ୟାର ଭୟସଂକୁଳ ପରିସ୍ଥିତିରେ ନିଜ ଗୋଡ଼ରେ ଛିଡ଼ା ହେବାଟା ଆଦୌ ପିଲା ଖେଳ

Digitized by srujanika@gmail.com

ନୁହେଁ । ଜୀବନରେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମନରେ ଯଦି କିଛି ଅହଂକାର ବସାବାନ୍ଧି ରହିଥାଏ, ତାହା ଧୋଇପୋଛି ସଫା ହୋଇଯାଏ । ଏହି ସମୟରେ ଯେତେବଡ଼ ନାସ୍ତିକ ହେଲେବି ମଣିଷ ମନରେ ଅତୀତର ବିଶ୍ୱାସ ମୁଣ୍ଡ ଟେକି ଉଠେ । ସଙ୍କଟ କାଳରେ ଅହଂକାର ମଣିଷକୁ ଶକ୍ତି ଯୋଗାଇ ଦେବାରେ ଅସମର୍ଥ ହୁଏ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ନିଜ ଶକ୍ତି ଓ ବିଶ୍ୱାସ ଉପରେ ଭରସା ରଖିପାରୁଥିବା ମଣିଷଟି ବସ୍ତୁତଃ ଅହଂକାରୀ ନୁହଁ । ବୋଧହୁଏ କୌଣସି ବିଶେଷ ଗୁଣର ଅଧିକାରୀ । ପୁଲିସ ଅଧିକାରୀଙ୍କ ଶତ ପ୍ରରୋଚନା ସତ୍ତ୍ୱେ ମୁଁ କିନ୍ତୁ ସେଦିନ ମୋର ସିଦ୍ଧାନ୍ତରେ ଅଟଳ ରହିଥିଲି ଓ ଈଶ୍ୱରଙ୍କ ପାଖରେ ଶରଣାପନ୍ନ ହୋଇନଥିଲି । ବାସ୍ତବରେ ଏହା ଥିଲା ମୋ ପାଇଁ ଏକ ଅଗ୍ନି ପରୀକ୍ଷା ।

ସେଦିନ ମୃତ୍ୟୁର ମୁହୂର୍ତ୍ତମାନ ମୋ ପାଇଁ ନିକଟତର ହୋଇ ଆସୁଥିଲା । ବିଚାରର ରାୟ ଘୋଷିତ ହେବାକୁ ଆଉ ଅଳ୍ପକେତେ ସପ୍ତାହ ବାକିଥାଏ । ଯାହାର ପରିଣତି କ'ଣ ହେବ ସମସ୍ତଙ୍କୁ ଜଣାଥିଲା । ନିର୍ଦ୍ଦିଷ୍ଟ ଏକ ଆଦର୍ଶ ସକାଶେ ମୁଁ ମୋର ଜୀବନକୁ ଉତ୍ସର୍ଗ କରିବାକୁ ଯାଉଛି । ଏହାଛଡ଼ା ବଡ଼ ସାନ୍ତ୍ୱନା ମୋ ପକ୍ଷରେ କ'ଣ ବା ହୋଇପାରେ । ଯେ କୌଣସି ମହତ୍ କାର୍ଯ୍ୟ ପାଇଁ ମୃତ୍ୟୁବରଣ କଲେ ଜଣେ ହିନ୍ଦୁ ମନରେ ଧାରଣା ଆସିପାରେ ସେ ପୁନଃଜନ୍ମ ପାଇ ଏକ ରାଜା ହୋଇ ପୃଥିବୀରେ ଜନ୍ମ ନେବ । ମୁସଲମାନ ବା ଖ୍ରୀଷ୍ଟିୟାନ ହୋଇଥିଲେ, ସେ ସ୍ୱର୍ଗରେ ପାରିଜାତ ଉଦ୍ୟାନରେ ସୁଖ ଭୋଗର ଲାଳସା ପୋଷଣ କରିବ । କିନ୍ତୁ ମୋଭଳି ଜଣେ ନାସ୍ତିକ କ'ଣ ପ୍ରତ୍ୟାଶା କରିବ ? ମୁଁ ଜାଣେ ଯେଉଁ ମୁହୂର୍ତ୍ତରେ ସେଇ ଦଉଡ଼ିଟି ମୋର ବେକକୁ ଛୁଇଁବ ଓ ପାଦତଳର କାଠ କଡ଼ି ଦୁଇଟି ଅପସାରିତ ହୋଇଯିବ ତାହାହିଁ ହେବ ମୋ ଜୀବନର ଅନ୍ତିମ ମୁହୂର୍ତ୍ତ । ଏହାପରେ ମୁଁ ଅଧିକନ୍ତୁ ମୋର ଆତ୍ମା (ଆଧିଭୌତିକ ପରିଭାଷାରେ ଯାହାର ଯଥେଷ୍ଟ ବ୍ୟାଖ୍ୟା ରହିଛି) ସବୁକିଛି ଗୋଟାଏ ମୁହୂର୍ତ୍ତରେ ବା ଶେଷ ହୋଇଯିବ । ଆଉ କିଛି ନଥିବ । ତାପରେ ସଂଗ୍ରାମର ଏକ ସଂକ୍ଷିପ୍ତ ଜୀବନ ଯାହାର ସେପରି କିଛି ଉଜ୍ଜ୍ୱଳ ପରିସମାପ୍ତି ନାହିଁ ତାହା ତଥାପି ମୋ ପାଇଁ ପୁରସ୍କାର ସଦୃଶ ହୋଇରହିଯିବ; ଯଦି ମୁଁ ସାହସ ସହିତ ତାକୁ ଗ୍ରହଣ କରିପାରେ । ଏହାହିଁ ତ ଜୀବନ ଯାହାକୁ ମୁଁ ପାଇଛି ମୂଲ୍ୟ ଦେଇ । ଯେଉଁ ଜୀବନକୁ ଦିନେ ସ୍ୱାର୍ଥପରତା ସ୍ପର୍ଶ କରିନାହିଁ, ଯେଉଁ ଜୀବନ କୌଣସି

Digitized by srujanika@gmail.com

ପୁରସ୍କାରର ଆଶା ରଖିନି । ଏବେ ବା ଏହାପରେ ମୋ ଜାଣିବାରେ ସ୍ୱାଧୀନତା ପାଇଁ ମୋର ଏଇ ଜୀବନଟି ଉତ୍ସର୍ଗୀକୃତ । ଖୁବ୍ ଅନାସକ୍ତ ଭାବରେ କହିପାରେ ଏତଦ୍‌ଭିନ୍ନ ମୋ ଦେଇ ଅନ୍ୟକିଛି ସମ୍ଭବ ହୋଇନଥାନ୍ତା । ମୁଁ ଭାବୁଛି ଯେ ଯେଉଁ ଦିନ ଅଗଣିତ ନରନାରୀ ମାନବ ସେବାବ୍ରତରେ ବ୍ରତୀହେବା ସହ ନିପୀଡ଼ିତ ଜନଗଣର ମୁକ୍ତି ଭିନ୍ନ ଅନ୍ୟ କୌଣସି ଚିନ୍ତାରେ ନିମଗ୍ନ ହେବେନାହିଁ ସେଇଦିନ ହିଁ ସାମ୍ୟଯୁଗ ଉନ୍ମୋଚିତ ହେବ । ଯେଉଁମାନେ ଏଇ ମୁକ୍ତି ଚିନ୍ତାର ଧାରକ ଓ ବାହକ ସାଜିବେ, ସେମାନେ ରାଜା ବାଦ୍‌ଶାହା ହେବାର ପ୍ରତ୍ୟାଶା ରଖି ଏହି କାର୍ଯ୍ୟଟି କରିବେ ବା ଇହଜନ୍ମ ସୁଖ ଓ ପରଜନ୍ମ ସ୍ୱର୍ଗ ପ୍ରାପ୍ତିର ଲାଳସା ସେମାନଙ୍କୁ ଏହି ପଥରେ ଯିବା ପାଇଁ ପ୍ରରୋଚିତ କରିବ ଏହା ଭାବିବା ଭୁଲ । ବରଂ ମାନବ ଜାତିର କାନ୍ଧରୁ ଦାସତ୍ୱର ଜୁଆଳୀକୁ ଛିନ୍ନ କରିବା ପାଇଁ ସେମାନେ ଏହି ପଥ ଅବଲମ୍ବନ କରିବେ । ସେମାନଙ୍କର ଲକ୍ଷ୍ୟ ହେବ ସ୍ୱାଧୀନତା, ସାମ୍ୟ, ମୁକ୍ତି । ସେମାନଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଏହି ପଥ କଣ୍ଟକିତ ଯନ୍ତ୍ରଣା କ୍ଲିଷ୍ଟ କିନ୍ତୁ ତାହା ବାହାରେ ଅର୍ଥାତ୍ ବୈପ୍ଳବିକ ଜୀବନର ବେଳାଭୂମିରେ ଏହି ପଥ କୁସୁମିତ ଓ ଗୌରବାବହ ତଥା ସ୍ୱପ୍ନ ଓ କଳ୍ପନାରେ ଭରପୁର । ସେମାନଙ୍କ ସକାଶେ ଏହି ପଥ ଯେହେତୁ ଯଶ ଗୌରବ ଓ ସ୍ୱାଭିମାନର ସେ ନେଇ ଭୁଲବୁଝାମଣାର ସ୍ଥାନ ନାହିଁ ଯେ ଏହା ସେମାନଙ୍କର ଗର୍ବ ଓ ଅହଂକାର ହେବ । ସେପରି ଯେଉଁମାନେ କହନ୍ତି ସେମାନଙ୍କୁ ନିର୍ବୋଧ ବା ପ୍ରତାରକ ଛଡ଼ା ଅନ୍ୟ କ'ଣ କୁହାଯାଇପାରେ । ଅବଶ୍ୟ ସମାଜର ଅସଂଖ୍ୟ ଏ ପ୍ରକାର ମଣିଷଙ୍କୁ କ୍ଷମା ଦିଆଯାଇପାରେ । ତାର କାରଣ ପ୍ରକୃତ ବିପ୍ଳବୀମାନଙ୍କ ସଂପର୍କରେ କୌଣସି ଆରୋପ ଆଣିବା ସମୟରେ ସେମାନେ ଜାଣି ନଥାନ୍ତି ଯେ ସେଇ ସମସ୍ତ ଉତ୍ସର୍ଗୀକୃତ ପ୍ରାଣ କେଉଁ ପରିସ୍ଥିତିରେ କିଭଳି ଭାବରେ କାର୍ଯ୍ୟ କରିଥାନ୍ତି ଆଉ କେତେ ବା ସେମାନଙ୍କ ଆତ୍ମତ୍ୟାଗ, କେତେ ଅନୁଭୂତି, ଆବେଗ, ଭାବପ୍ରବଣତା ଇତ୍ୟାଦି ସେମାନଙ୍କ ହୃଦୟକୁ ଆଚ୍ଛନ୍ନ କରିନଥାଏ । ଅଧିକନ୍ତୁ କୁହାଯାଇପାରେ ଯେ ବିପ୍ଳବୀମାନଙ୍କର ଚରମ ଆତ୍ମତ୍ୟାଗକୁ ଯେଉଁମାନେ ବୁଝିପାରନ୍ତି ନାହିଁ ସେମାନଙ୍କର ହୃଦୟ ଶୁଷ୍କ । ଯେମିତି କି ଏକ ମାଂସ ପିଣ୍ଡୁଳା । ସେମାନଙ୍କର ଚକ୍ଷୁ ଆଲୋକହୀନ । ସଇତାନୀ ଇଚ୍ଛା ବୋଧହୁଏ ସେମାନଙ୍କ ଉପରେ ସବାର ହୋଇଥାଏ । ନିଜର ବିଚାର ଉପରେ

Digitized by srujanika@gmail.com

ଭରସା ରଖୁଥିବା ବ୍ୟକ୍ତିଙ୍କୁ ଯଦି ଅହଂକାରୀ କୁହାଯିବ ଏହାଠାରୁ ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ । କିନ୍ତୁ ବେଳେ ବେଳେ ଆମେ ଉପରୋକ୍ତ ସମାଲୋଚନାକାରୀମାନଙ୍କୁ (ଇଚ୍ଛା ଥାଇବି) କୌଣସି ସାହାଯ୍ୟ କରିପାରିବା ନାହିଁ ।

ତମେ ପ୍ରଚଳିତ ଧାରଣାକୁ ବିରୋଧ କର ନେତୃସ୍ଥାନୀୟ ବ୍ୟକ୍ତି, ନାୟକ, ମହାନ ପ୍ରବକ୍ତାଙ୍କୁ ଯଥାର୍ଥରେ ହେଉପଛେ ସମାଲୋଚନା କର ଏହା ତମର ଔଦ୍ଧତ୍ୟ ବୋଲି ଚିତ୍ରିତ ହେବ । ଏହି ଚିନ୍ତାଧାରାକୁ ଜଡ଼ତା ବୋଲି କୁହାଯିବନି ତ ଆଉ କ'ଣ କୁହାଯିବ । ବିପ୍ଳବ କିନ୍ତୁ ମାନସିକ ଜଡ଼ତା ବା ଯେକୌଣସି ସ୍ଥାଣୁତାର ବିରୋଧୀ । ଯୁକ୍ତି, ସମାଲୋଚନା, ସର୍ବୋପରି ସ୍ୱାଧୀନଚିନ୍ତା ବିପ୍ଳବର ଅପରିହାର୍ଯ୍ୟ ଗୁଣ । ଯେହେତୁ ମହାତ୍ମାଜୀ ମହାନ ତେଣୁ ସେ ସମାଲୋଚନାର ଉର୍ଦ୍ଧ୍ୱରେ ଏବଂ ସେ ଯାହା କୁହନ୍ତୁ ନା କାହିଁକି ରାଜନୀତି, ଧର୍ମ, ଅର୍ଥନୀତି, ନୈତିକତା ସବୁକିଛି ଠିକ୍ - ଏମିତି ଭାବିବା ଅର୍ଥ ପ୍ରଗତିର ପଥରୋଧ କରିବା । ଏ ପ୍ରକାର ମନୋଭାବ ପ୍ରତିକ୍ରିୟାଶୀଳ ।

ଯେହେତୁ ଆମର ପ୍ରପିତାମହମାନେ ସର୍ବଶକ୍ତିମାନ ଈଶ୍ୱରଙ୍କ ଉପରେ ଆସ୍ଥା ପ୍ରକଟ କରି ଆସୁଛନ୍ତି ସେଇହେତୁ ଯଦି କେହି ଏହାର ବିପରୀତରେ ଗଲା ଓ ପୁରୁଣା ବିଶ୍ୱାସର ମୂଳରେ କୁଠାରଘାତ କଲା ଏବଂ ସର୍ବଶକ୍ତିମାନଙ୍କୁ ଅସ୍ୱୀକାର କଲା, ତ... ସେମାନେ ଗୋଷ୍ଠୀ ଛଡ଼ା ବିଶ୍ୱାସଘାତକ ବୋଲି କହନ୍ତି । ଯଦି କୌଣସି ନାସ୍ତିକ ତାର ଯୁକ୍ତି ଓ ମନୋବଳରେ ତୀକ୍ଷ୍ଣ ଏବଂ ପ୍ରତିଯୁକ୍ତି ପାଖରେ ହାର ମାନୁନି ବରଂ ବିରୋଧୀ ପକ୍ଷକୁ ବେଶ୍ ଭଲ ଭାବରେ ଖଣ୍ଡନ କରିପାରୁଛି ଏବଂ ଭାଗ୍ୟ ବିପର୍ଯ୍ୟୟ ଭୟ ଦେଖାଇ ତାକୁ ଡରାଇ ହେଉନି ତାହେଲେ ସେମାନେ ତାକୁ ଗର୍ବୀ ଓ ଅହଂକାରୀ ବୋଲି ନିନ୍ଦିତ କରନ୍ତି । ତେବେ ଏ ବିଷୟରେ ଅଧିକ ଆଲୋଚନା ନିଷ୍ପ୍ରୟୋଜନ । କାରଣ ଏଥିସହ ସଂଶ୍ଳିଷ୍ଟ ଆହୁରି ଅନେକ ଗୁଡ଼ିଏ ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ସମ୍ଭବତଃ ପ୍ରଥମ ପ୍ରଶ୍ନର ଉତ୍ତର ମୁଁ ଦେଇସାରିଛି । ଅର୍ଥାତ୍ ଗର୍ବ ଓ ଅହଂକାର ମୋତେ ନାସ୍ତିକତାଆଡ଼କୁ ମୁହାଁଇ ନେଇନି । ଏ ସଂପର୍କିତ ମୋ ପ୍ରଦତ୍ତଯୁକ୍ତି ଗ୍ରହଣୀୟ କି ନୁହଁ ସେ ସବୁର ନିରୂପଣ କରିବା ଦାୟିତ୍ୱ ପାଠକଙ୍କର । ମୁଁ ଜାଣେ ବର୍ତ୍ତମାନ ପରିସ୍ଥିତିରେ ଈଶ୍ୱର ବିଶ୍ୱାସ ମୋର ହୃଦୟ ବେଦନାକୁ ପ୍ରଶମିତ

Digitized by srujanika@gmail.com

କରିବାରେ କିଛିଟା ସାହାଯ୍ୟ କରିପାରନ୍ତା । ଅପର ପକ୍ଷରେ ଈଶ୍ୱରଙ୍କ ପ୍ରତି ଅବିଶ୍ୱାସ ଅନ୍ତତଃ ଏହି ପରିସ୍ଥିତିରେ ମୋତେ ବେସାହାରା କରି ଗଢ଼ି ତୋଳୁଛି । ସୀମିତ ରହସ୍ୟବାଦ ସମ୍ଭବତଃ ଏଇ ଦୁଃଖଦ ପରିସ୍ଥିତିକୁ କିଛିଟା କାବ୍ୟମୟ କରିପାରିଥାନ୍ତା । ମୋର ଭାଗ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ସକାଶେ ମୁଁ ଜାଣିଶୁଣି କୌଣସି ନିଶାଦ୍ରବ୍ୟର ସାହାଯ୍ୟ ନେବାର ପକ୍ଷପାତୀ ନୁହଁ । ମୁଁ ଜଣେ ନାସ୍ତିକ - ଏ କ୍ଷେତ୍ରରେ ଏଇ ମୁହୂର୍ତ୍ତରେ ଯୁକ୍ତିବୋଧ ଦ୍ୱାରା ମୁଁ ମୋର ପୂର୍ବ ସଂସ୍କାରଜନିତ ଆଗ୍ରହ, ଆବେଗ ଓ ଦୁର୍ବଳତାର ମୁକାବିଲା କରିବାକୁ ଚାହେଁ । ମୁଁ ଯେ ସବୁବେଳେ ଏ ଦିଗରେ ସଫଳ ହୋଇ ପାରିବି ଦାବି କରୁନି । କିନ୍ତୁ ମୋ ମତରେ ବାରମ୍ବାର ମଣିଷ ପ୍ରୟାସ ଜାରି ରଖିବା କଥା - ସଫଳତାର ସୁଯୋଗ ପରିସ୍ଥିତି ଅନୁଯାୟୀ ନିର୍ଦ୍ଧାରିତ ହେବ ।

ଏବେ ପ୍ରଶ୍ନହେଲା - ଯଦି ଅହଂକାର ନାସ୍ତିକତାର ନିର୍ଦ୍ଧାରକ ନୁହଁ ତାହେଲେ ଯୌକ୍ତିକତା ହିଁ ନାସ୍ତିକତାର ମୂଳ ସ୍ତମ୍ଭ । ଅର୍ଥାତ ଜଣେ ନାସ୍ତିକର ଆଧାର ହେଲା ଯୁକ୍ତିବୋଧ । ମୋ ମତରେ ଯୁକ୍ତିବୋଧ ଓ ପ୍ରମାଣର ଯଥେଷ୍ଟ ମୂଲ୍ୟ ରହିଛି ମନୁଷ୍ୟ ଜୀବନରେ । ସମାଜରେ ଯେଉଁ ମଣିଷ ଯୁକ୍ତି ଓ ପ୍ରମାଣ ଶକ୍ତିର ଅଧିକାରୀ ସେ ସଦାସର୍ବଦା ତା'ର ପରିସ୍ଥିତି ଓ ପରିବେଶକୁ ସେଇ ବୋଧଦ୍ୱାରାହିଁ ବୁଝିବାକୁ ଚେଷ୍ଟା କରିଥାଏ । ଯେଉଁଠି ସିଧାସଳଖ ପ୍ରମାଣର ଅଭାବ ଘଟେ ସେଠାରେ ଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପ୍ରସଙ୍ଗକ୍ରମେ କିଛି ବନ୍ଧୁଙ୍କ ମତ ଉଦ୍ଧାର କରିବାକୁ ଯାଇ ମୁଁ କହିଥିଲି "ଦର୍ଶନ ହେଉଛି ମଣିଷର ଦୁର୍ବଳତାର ଫଳଶ୍ରୁତି ।" ବକ୍ତବ୍ୟଟି ବେଶ୍ ପ୍ରାସଙ୍ଗିକ । ଉଦାହରଣସ୍ୱରୂପ ଆମର ପୂର୍ବଜମାନେ ଅବସର ସୃଷ୍ଟିକରି ଏ ବିଶ୍ୱବ୍ରହ୍ମାଣ୍ଡରେ ରହସ୍ୟକୁ ଭେଦ କରିବା ପାଇଁ ନିଜ ନିଜ ବାଟରେ ଚେଷ୍ଟା କରିଯାଇଛନ୍ତି । ଯେହେତୁ ସେମାନଙ୍କ ପାଖରେ ପ୍ରମାଣର ଅଭାବ ଥିଲା ତେଣୁ ସେମାନଙ୍କର ସମାଧାନର ପନ୍ଥାରେ ବେଶ୍ କିଛି ତାରତମ୍ୟ ପରିଲକ୍ଷିତ ହେଲା । କେବଳ ଯେ ପ୍ରାଚ୍ୟ ଦର୍ଶନରେ ଏହି ପ୍ରଭେଦ ବା ତାରତମ୍ୟ ଦେଖିବାକୁ ମିଳିଲା ତାହା ନୁହଁ ପାଶ୍ଚାତ୍ୟ ଦର୍ଶନ ମଧ୍ୟ ବିବିଧ ଶାଖାରେ ବିଭକ୍ତ ହୋଇଗଲା । ପରିଣତିରେ ଦେଖାଗଲା ଯେ ଗୋଟିଏ ଗୋଲାର୍ଦ୍ଧର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ମତବାଦ ଓ ଦର୍ଶନର ବିଭିନ୍ନ ଶାଖା ପ୍ରଶାଖା ମୁଣ୍ଡଟେକି ଉଠିଛି । ଏପରିକି ଗୋଟାଏ ସ୍ଥାନରେ ବହୁ ଚିନ୍ତା ଗୋଷ୍ଠୀର ଉଦ୍‌ଭବ ହେଲା । ଉଦାହରଣ ସ୍ୱରୂପ ପ୍ରାଚ୍ୟ ଜଗତର

Digitized by srujanika@gmail.com

ଦାର୍ଶନିକ ଧାରାର ସମସ୍ତ ଐକ୍ୟ ସତ୍ତ୍ୱେ ଇସ୍‌ଲାମ ଧର୍ମଦର୍ଶନ ଓ ହିନ୍ଦୁ ଧର୍ମଦର୍ଶନ ମଧ୍ୟରେ ଯଥେଷ୍ଟ ଅମେଳ ଦେଖାଦେଇଛି । ଏପରିକି ଭାରତ ବର୍ଷରେ ବୌଦ୍ଧଧର୍ମ ଓ ଜୈନଧର୍ମ ବ୍ରାହ୍ମଣଧର୍ମ ଠାରୁ ଅଲଗା । ପୁଣି ବ୍ରାହ୍ମଣ ଧର୍ମରେ ଦୁଇଟି ଗୋଷ୍ଠୀ ଯଥା ଆର୍ଯ୍ୟ ସମାଜୀ, ସନାତନୀ । ଏହି ଧର୍ମ ଦର୍ଶନଗୁଡ଼ିକ ବେଳେ ବେଳେ ପରସ୍ପର ବିରୋଧୀ । ଭାରତୀୟ ଦର୍ଶନ ଚର୍ଚ୍ଚାର ଜଗତରେ ଚାର୍ବାକ୍ ଥିଲେ ଅନ୍ୟତମ ସ୍ୱାଧୀନ ଚିନ୍ତକ । ପୂରାକାଳରେ (ସେଇ ସମୟରେ) ସେ ଈଶ୍ୱରଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରିବାର ସାହସ ପୋଷଣ କରିପାରିଥିଲେ ।

ମୋଟାମୋଟି ଭାବରେ ଦେଖିବାକୁ ଗଲେ ବିଭିନ୍ନ ଗୋଷ୍ଠୀର ଏହି ଦର୍ଶନ ଶାଖାଗୁଡ଼ିକ ମୌଳିକ ଭାବରେ ପରସ୍ପରଠାରୁ ପୃଥକ ସ୍ୱତନ୍ତ୍ର ଓ ପ୍ରତ୍ୟେକ ନିଜ ନିଜର ମାର୍ଗକୁ ସଠିକ୍ ବୋଲି ବିଚାରି ଅଛନ୍ତି । ବାସ୍ତବିକ୍ ଏହା ·ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଅତୀତର ଦର୍ଶନ ଚିନ୍ତା ନିର୍ଯ୍ୟାସକୁ ଆମେ ଭବିଷ୍ୟତ ସଂଗ୍ରାମର ଭିତ୍ତିଭାବରେ ଗ୍ରହଣ ନକରି କେବଳ ବିଶ୍ୱାସର ଧ୍ୱଜା ଉଡ଼ାଇ ଚାଲିଛୁ । ଫଳରେ ଆମେ ସ୍ଥାଣୁତାର ଶିକାର ହେବାସହ ମାନବ ପ୍ରଗତିର ପଥରୁଦ୍ଧ କରୁଛୁ । ସେ ଦୃଷ୍ଟିକୋଣରୁ ଆଜି ଆମେ ଅପରାଧୀର ସ୍ଥାନ ଗ୍ରହଣ କରି ସାରିଛୁ ।

କୌଣସି ବ୍ୟକ୍ତି ଯଦି ପ୍ରଗତି ସପକ୍ଷରେ ଦଣ୍ଡାୟମାନ - ତାକୁ ପ୍ରଥମେ ପୁରାତନ ଧ୍ୟାନ-ଧାରଣା ଓ ବିଶ୍ୱାସକୁ ତନ୍ନ ତନ୍ନ କରି ସମୀକ୍ଷା କରିବାକୁ ହେବ । ଗୋଟାଏ ପରେ ଗୋଟାଏ ବିଷୟ ଉପରେ ଯୁକ୍ତିର ଆରୋପ ଘଟାଇ ଯଦି କୌଣସି ଦର୍ଶନ ପ୍ରତି ସେ ଆସ୍ଥା ପ୍ରକଟ କରେ ତାହେଲେ ସେତେବେଳେ ତାହା ତାପାଇଁ ହେବ ସ୍ୱାଗତଯୋଗ୍ୟ । ଅବଶ୍ୟ କେତେକ କ୍ଷେତ୍ରରେ ମଣିଷର ଯୁକ୍ତି ପ୍ରମାଣରେ ତ୍ରୁଟି ଥାଇପାରେ । କିନ୍ତୁ ପୁନଃ ଯୁକ୍ତି ମାଧ୍ୟମରେ ସେ ସବୁର ସଂଶୋଧନ ହୋଇପାରିବ । ସେ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମଣିଷ ପାଇଁ ଯୁକ୍ତିବୋଧର କୌଣସି ଅନ୍ତ ନାହିଁ । ଯୁକ୍ତିବୋଧ ହିଁ ମାନବଜୀବନର ଚଳନ୍ତି ତାରକା ।

କିନ୍ତୁ ଯୁକ୍ତି ବ୍ୟତିରେକେ କେବଳ ବିଶ୍ୱାସ ଅଧିକନ୍ତୁ ଅନ୍ଧବିଶ୍ୱାସର ପରଣାମ ଭୟଙ୍କର । ମଣିଷକୁ ଏହା ସ୍ଥାଣୁ କରି ଗଢ଼ିତୋଳେ । ତଦ୍ୱାରା ତାର ମସ୍ତିଷ୍କ କ୍ରିୟାଶୀଳ ହୋଇପାରେନି । ଫଳତଃ ସେ ପ୍ରତିକ୍ରିୟାଶୀଳ ପାଲଟିଯାଏ । ବାସ୍ତବବାଦୀ ମଣିଷମାନେ ସମସ୍ତ ପୁରାତନ ବିଶ୍ୱାସ ମୂଳରେ କୁଠାରଘାତ କରନ୍ତି । ଯଦି କେହି

Digitized by srujanika@gmail.com

ଯୁକ୍ତିବୋଧକୁ ସାମ୍ନା କରିବାକୁ ଅକ୍ଷମ ତାହେଲେ ତା'ର ସମସ୍ତ ଚିନ୍ତା ଖଣ୍ଡ ବିଖଣ୍ଡିତ ହେବାକୁ ବାଧ୍ୟ। ଏ କ୍ଷେତ୍ରରେ ନୂତନ ଦର୍ଶନ ହିଁ କେବଳ ତାକୁ ବାଟ ଦେଖାଇପାରେ। ଯଦି ନୂତନ ଦର୍ଶନର କେହି ଅନୁପ୍ରେରିତ ଓ ନୂଆ ଭାବରେ କିଛି କାର୍ଯ୍ୟ ଆରମ୍ଭ କରିବାକୁ ଚାହେଁ ଯାହା ସଦର୍ଥକ ସେ କ୍ଷେତ୍ରରେ ସେ ପୁରାତନ ବିଶ୍ୱାସ ଓ ଧ୍ୟାନଧାରଣା ମଧ୍ୟରେ ଥିବା ଭଲଦିଗକୁ ଧ୍ୟାନରେ ରଖି ନବନିର୍ମାଣର - ପ୍ରକ୍ରିୟା ଆରମ୍ଭ କରିପାରେ। ବ୍ୟକ୍ତିଗତ ଭାବରେ ମୁଁ ସ୍ୱୀକାର କରୁଛି ଯେ ପ୍ରାଚ୍ୟ ଦର୍ଶନ ସଂପର୍କରେ ଗଭୀର ଅଧ୍ୟୟନର ଇଚ୍ଛା ଥାଇ ବି ସମୟ ଓ ସୁଯୋଗର ଅଭାବରେ ଏ କ୍ଷେତ୍ରରେ ମୁଁ ବିଶେଷ ଅଗ୍ରଗତି କରିପାରିନାହିଁ। ମୋର କିଛି ନେତିବାଚକ ଅଧ୍ୟୟନ ମଧ୍ୟ ରହିଛି। ସେଇ ଅଧ୍ୟୟନରେ ସୂତ୍ରଧରି ମୁଁ ଏତକ କହିପାରେ ଯେ ପୁରାତନ ବିଶ୍ୱାସ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ପଛରେ ମୋ ପାଇଁ ଯଥେଷ୍ଟ କିଛି ପ୍ରମାଣ ଓ ସୂତ୍ର ରହିଛି। ଏହା ମୋର ନିଶ୍ଚିତ ଅବବୋଧ ଯେ ପ୍ରକୃତିକୁ ନିର୍ଦ୍ଦେଶ ଦେବା ଓ ପରିଚାଳିତ କରିବା ଭଳି କୌଣସି ସର୍ବୋଚ୍ଚ ସର୍ବଶକ୍ତିମାନ ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ। ଆମେ ସମସ୍ତେ ପ୍ରକୃତି ପ୍ରତି ଆସ୍ଥାବାନ ଏବଂ ସମଗ୍ର ପ୍ରଗତିଶୀଳ ଆନ୍ଦୋଳନ ପ୍ରକୃତିକୁ ମଣିଷ ସେବାରେ ଲଗାଇବା ପାଇଁ ପ୍ରକୃତି ଉପରେ ମଣିଷର ନିୟନ୍ତ୍ରଣ ଜାହିରରେ ବିଶ୍ୱାସୀ। ପ୍ରକୃତି ବାହାରେ ଅନ୍ୟ କୌଣସି ସତ୍ତା ନାହିଁ ଯିଏ ପ୍ରକୃତିକୁ ନିର୍ଦ୍ଦେଶ ଦେବ। ବର୍ତ୍ତମାନ ଏହାହିଁ ଆମର ଦର୍ଶନ।

ନେତିବାଚକ ଦିଗରୁ ଈଶ୍ୱର ବିଶ୍ୱାସକାରୀ ଆସ୍ତିକମାନଙ୍କୁ ଆମର କେତୋଟି ପ୍ରଶ୍ନ। ଯଥା -

ତମେ ଯେଉଁଭଳି ଭାବରେ ବିଶ୍ୱାସ କରୁଛ ସର୍ବଶକ୍ତିମାନ, ସର୍ବ ବିରାଜମାନ, ସର୍ବ କ୍ଷମତାବାନ, ସର୍ବଜ୍ଞ ଈଶ୍ୱର ବୋଲି କେହି ଅଛନ୍ତି ଯିଏ କି ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା - ଅନୁଗ୍ରହପୂର୍ବକ ଜଣାଇ ଦେବେକି ସେ କାହିଁକି ସୃଷ୍ଟି କରୁଛନ୍ତି - କେଉଁ ଉଦ୍ଦେଶ୍ୟରେ ସୃଷ୍ଟି କରୁଛନ୍ତି ? ଆମର ଏଇ ପୃଥିବୀ ଯାହା ଅସଂଖ୍ୟ ବେଦନାରେ ଭରା (ଯାହା ବାସ୍ତବ), ଅଗଣିତ ଅନନ୍ତ ଦୁଃଖରେ ପରିପୂର୍ଣ୍ଣ - ଯେଉଁଠିକି ଗୋଟାଏ ବି ଆତ୍ମା ପୂର୍ଣ୍ଣ ସୁଖରେ ଅଧିକାରୀ ନୁହଁ, ସୃଷ୍ଟି କରିବା ପଛରେ ଈଶ୍ୱରଙ୍କର ଉଦ୍ଦେଶ୍ୟ କ'ଣ ?

ଆପଣ କହିପାରନ୍ତି - ଏହା ଈଶ୍ୱରଙ୍କ ସଂସାରର ନିୟମ। ଦ-ୟା-କ-ରି ସେମିତି କହନ୍ତୁ ନାହିଁ। ଯଦି ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ସଂସାର ନିୟମର ବଶବର୍ତ୍ତୀ ତାହେଲେ

Digitized by srujanika@gmail.com

ଈଶ୍ୱର ସର୍ବଶକ୍ତିମାନ ହୋଇ ନପାରନ୍ତି । ସେବି ଆମ ଭଳି ସଂସାର ନିୟମର ବଶବର୍ତ୍ତୀ । ଆପଣ କହିପାରନ୍ତି ନିରୋ ଗୋଟାଏ ରୋମ୍‌କୁ ଜାଳିଥିଲେ ଓ ଅନ୍ତକିଛି ଲୋକଙ୍କୁ ପୋଡ଼ି ମାରିଥିଲେ ଏବଂ ଭଗବାନ ସେହିପରି କିଛି କିଛି ଦୁଃଖ ଓ ଯନ୍ତ୍ରଣା ତାଙ୍କର ନିଜର ସୀମିତ ସୁଖପାଇଁ ସମସ୍ତଙ୍କ ଉପରେ ଅଜାଡ଼ି ଦେଇଛନ୍ତି । ତାହେଲେ ଇତିହାସରେ ଆମେ ତାଙ୍କୁ କ'ଣ ବୋଲି ସଂବୋଧନ କରିବା ? ଐତିହାସିକ ମାନେ କ'ଣ ବୋଲି ତାଙ୍କୁ ଉଲ୍ଲେଖ କରିବେ ? ଅତ୍ୟାଚାରୀ, ଦୁଷ୍ଟ, ଉତ୍ପୀଡ଼କ, ନିଷ୍ଠୁର, ହୃଦୟହୀନ ଇତ୍ୟାଦି ଭର୍ତ୍ସନାରେ ଯାହାଙ୍କର ନାମ ଧରାପୃଷ୍ଠରେ କୃଷ୍ଣବର୍ଣ୍ଣ ଧାରଣ କରିଛି - ସେଇ ନିରୋ ଭାବରେ ନୁହଁ କି ? ମନେ ପକାନ୍ତୁ ଥରେ ଚେଙ୍ଗିଜ୍ ଖାଁ ନିଜ ସୁଖ ସକାଶେ ଭାରତ ବର୍ଷ ଲୁଣ୍ଠନ ପୂର୍ବକ ବହୁ ସହସ୍ର ଲୋକଙ୍କ ହତ୍ୟାର କାରଣ ବନିଥିଲେ । ସେଇ କାରଣରୁ ଚେଙ୍ଗିଜ୍ ଖାଁ ନାମ ପ୍ରତି ଭାରତବାସୀଙ୍କ ମନ ଘୃଣା ଓ ବିଦ୍ୱେଷରେ ଭରପୁର । ଏବେ ଆପଣ ନିରୋ ଓ ଚେଙ୍ଗିଜ୍ ଖାଁଙ୍କର କ୍ରିୟା କଳାପକୁ ଯଦି ଘୃଣା କରନ୍ତି ତାହେଲେ ଈଶ୍ୱରଙ୍କ କ୍ରିୟା କଳାପକୁ କେଉଁ ଦିଗରୁ ଯଥାର୍ଥ ବୋଲି ଅଭିହିତ କରିପାରିବେ, ଯାହାଙ୍କୁ ଆମେ ଅନନ୍ତ କାଳର ନିରୋ ଭାବରେ ପ୍ରତି ମୁହୂର୍ତ୍ତରେ ପାଇ ଚାଲିଛୁ ? ପ୍ରଶ୍ନ ଆପଣ କେଉଁଦିଗରୁ ଈଶ୍ୱରଙ୍କ ମନ୍ଦ କର୍ମ ପ୍ରତି ସମର୍ଥନ ଜାହିର କରିବେ, ଯିଏ ପ୍ରତିମୁହୂର୍ତ୍ତରେ ଚେଙ୍ଗିଜ୍ ଖାଁଙ୍କର ଅତ୍ୟାଚାରକୁ ଅତିକ୍ରମ କରିଚାଲିଛନ୍ତି । ପୁନଶ୍ଚ ମୋର ପ୍ରଶ୍ନ ଈଶ୍ୱର କାହିଁକି ପ୍ରତି ମୁହୂର୍ତ୍ତରେ ପୃଥିବୀକୁ ପରିଣତ କରି ଚାଲିଛନ୍ତି ଏକ ବାସ୍ତବ ନରକର ଏକ ତୀବ୍ର ଅଶାନ୍ତିର କ୍ଷେତ୍ରରେ । ଯଦି ସର୍ବଶକ୍ତିମାନଙ୍କର ଶକ୍ତି ନଥିଲା ତାହେଲେ କାହିଁକି ସେ ଏ ଧରଣର ଏକ ସୃଷ୍ଟି କର୍ମରେ ନିଜକୁ ଜଡ଼ିତ କଲେ ? ଏହାର କ'ଣ ବା ଆବଶ୍ୟକତା ଥିଲା ? ଆପଣ କ'ଣ କହିବେ ଦୁଃଷ୍ଟ ନିବାରଣ ଓ ସନ୍ଥଙ୍କ ପାଳନ ପାଇଁ ସେ ଏହା କରିଛନ୍ତି ? ଭଲ ହେଲା-ଯେଉଁ ବ୍ୟକ୍ତି ଆପଣଙ୍କ ଦେହରେ ପ୍ରଥମ ଆଘାତ ହାଣି କ୍ଷତ ସୃଷ୍ଟି କରିବ ଓ ପରେ ସେଇ କ୍ଷତରେ କୋମଳ ଓ ଆରାମଦାୟକ ମଲମର ପ୍ରଲେପଦେବ ଆପଣ ତାଙ୍କୁ କେଉଁ ଦିଗରୁ ସମର୍ଥନ କରିବେ ? ଗ୍ଲାଡ଼ିଏଟର ପ୍ରତିଷ୍ଠାନ (ରୋମର ପୁରାତନ ଯୋଦ୍ଧାମାନଙ୍କର ନାରକୀୟ ବିଳାସମୟ ପ୍ରତିଷ୍ଠାନ)ମାନେ ଭୋକିଲା ସିଂହ ସାମ୍ନାକୁ ମଣିଷମାନଙ୍କୁ ଫିଙ୍ଗି ତା କବଳରୁ ବର୍ତ୍ତି ଆସିଥିବା କ୍ଷତାକ୍ତ ସେଇ ମଣିଷର ଯତ୍ନ ନେବା କାର୍ଯ୍ୟଟିକୁ

Digitized by srujanika@gmail.com

କରନ୍ତି । ଆପଣ କେତେଦୂର ଗ୍ଲାଡ଼ିଏଟର ପ୍ରତିଷ୍ଠାରେ ଏହି କାର୍ଯ୍ୟକୁ ଯୁକ୍ତିଯୁକ୍ତ ମନେ କରିବେ ? ସେଇଥିପାଇଁ ବାରମ୍ବାର ମୁଁ ପ୍ରଶ୍ନ କରିବାକୁ ବାଧ ହେଉଛି ଯେ ସର୍ବଶକ୍ତିମାନ ଈଶ୍ୱର କାହିଁକି ଏ ଧରାପୃଷ୍ଠରେ ମଣିଷକୁ ସୃଷ୍ଟି କରିଛନ୍ତି ? ଯଦି କୁହାଯାଏ ଆପଣାର ଆନନ୍ଦପାଇଁ ତେବେ ମୁଁ କହିବି ନିରୋ ଆଉ ତାଙ୍କ ଭିତରେ ପାର୍ଥକ୍ୟ ବା କ'ଣ ?

ତୁମେ ମୁସଲମାନ ଓ ଖ୍ରୀଷ୍ଟିଆନମାନେ ! ହିନ୍ଦୁ ଧର୍ମ ଦର୍ଶନ ତୁମକୁ ଅନ୍ୟ ଏକ ମୁକ୍ତି ଦେଖାଇ ଭୂଆଁ ବୁଲାଇବ । ତମେମାନେ ଉପରୋକ୍ତ ପ୍ରଶ୍ନର ଉତ୍ତର କ'ଣ ଦେବ ? ମୋ ଜାଣିବାରେ ମୁସଲମାନ ଓ ଖ୍ରୀଷ୍ଟିଆନ ଭାଇମାନେ ହିନ୍ଦୁମାନଙ୍କ ଭଳି ତମେ ପୂର୍ବଜନ୍ମ ପରଜନ୍ମରେ ବିଶ୍ୱାସ କରନାହିଁ । ପୂର୍ବ ଜନ୍ମର ପାପହେତୁ ଅସଂଖ୍ୟ ନିରୀହ ଲୋକମାନେ ଏ ପୃଥିବୀରେ ଦଣ୍ଡ ପାଉଛନ୍ତି, ବୋଲି ତମେ ଯୁକ୍ତି ବାଢ଼ିବ ନାହିଁ । କିନ୍ତୁ ତମମାନଙ୍କୁ ମୋର ପ୍ରଶ୍ନ ତମର ଯୀଶୁ ବା ଆଲ୍ଲା ଶବ୍ଦ ମାଧ୍ୟମରେ ମାତ୍ର ଛଅ ଦିନରେ କାହିଁକି ଏ ପୃଥିବୀକୁ ସୃଷ୍ଟି କଲେ ଏବଂ ସୃଷ୍ଟି କର୍ମ ଚାଲିଥିଲାବେଳେ ପ୍ରତିଦିନ ସେ କାହିଁକି ସବୁ ଠିକ୍ ଅଛି, ସବୁ ଠିକ୍ ଅଛି ବୋଲି କହୁଥିଲେ ? ଏବେ ଯୀଶୁ ଆଲ୍ଲା ବର୍ତ୍ତମାନ ପରିସ୍ଥିତି ଅନୁଧ୍ୟାନ କରି ଅତୀତରେ କଣ କଣ ଘଟିଯାଇଛି ସବୁକିଛିକୁ ଦେଖିଲା ପରେ ସାହସର ସହିତ ସେ କହନ୍ତୁ ସବୁ କିଛି ଠିକ୍ ଅଛି ଠିକ୍ ଚାଲିଛି ।

ଭୂମି ନିମ୍ନସ୍ଥ ଅନ୍ଧକାର ଉଚ୍ଛୁଳା କାରାକକ୍ଷ, ବସ୍ତି କୁଡ଼ିଆରେ ଅନାହାର ପୁଷ୍ଟ କୋଟି କୋଟି ମଣିଷର ଗନ୍ତାଘରୁ ଅସଂଖ୍ୟ ଶୋଷଣ ଆକ୍ରାନ୍ତ ସହିଷ୍ଣୁ ଉଦାସୀନ ଶ୍ରମିକମାନଙ୍କୁ ରକ୍ତ ଶୋଷକ ପିଶାଚ ପୁଞ୍ଜିପତିମାନେ ଶୋଷଣ କରିଚାଲିଛନ୍ତି, ଯାହାକୁ ଦେଖିଲେ ସାମାନ୍ୟ ସଂବେଦନା ଥିବା ବ୍ୟକ୍ତି ଆତଙ୍କରେ ଶିହରି ଉଠିବ । ସେଇ ଶ୍ରମିକ ମାନଙ୍କ ଶୋଷଣଲବ୍ଧ ଉତ୍ପାଦିତ ଧନ ସମୁଦ୍ରରେ ଫିଙ୍ଗା ଯିବ ପଛେ କିନ୍ତୁ ସେମାନଙ୍କୁ ଦିଆଯିବ ନାହିଁ । ମଣିଷର ହାତରେ ଗଢ଼ା ଯାଇଥିବା ରାଜା ମହାରାଜାମାନଙ୍କର ପ୍ରାସାଦ ସମ୍ମୁଖସ୍ଥ ଏ ସମସ୍ତ ଦୃଶ୍ୟକୁ ସେ ଦେଖିଯାନ୍ତୁ ତାପରେ ତାଙ୍କ ଶ୍ରୀମୁଖରୁ ଧ୍ୱନୀତ ହେଉ "ସବୁ ଠିକ୍ ଠିକ୍ ଚାଲିଛି, ସବୁ କିଛି ଠିକ୍ ଅଛି" ।

ଆପଣମାନେ ପଚାରି ପାରନ୍ତି ମଙ୍ଗଳମୟ ବିଶ୍ୱ ନିୟନ୍ତାଙ୍କୁ ଓ ବିଶ୍ୱକର୍ତ୍ତାଙ୍କୁ ହେ ପ୍ରଭୁ ! କିପରି ଠିକ୍ ଚାଲିଛି ? କାହିଁକି ଠିକ୍ ଚାଲିଛି, କେଉଁଥିପାଇଁ ? ତାହାହିଁ

Digitized by srujanika@gmail.com

ମୋର ପ୍ରଶ୍ନ । ଏ ସଂପର୍କରେ ଆପଣମାନେ ନିରବ ରହିପାରନ୍ତି ମୁଁ କିନ୍ତୁ ନିରବ ରହିପାରିବିନି, କାରଣ ମୋତେ ଆଗକୁ ଯିବାକୁ ହେବ । ହଁ, ହିନ୍ଦୁଭାଇମାନେ ତମେ କହିପାର - ବର୍ତ୍ତମାନର ଯନ୍ତ୍ରଣାକ୍ଲିଷ୍ଟ ମଣିଷମାନେ ପୂର୍ବଜନ୍ମର ପାପୀ ଥିଲେ ଏବଂ ଏ ଜନ୍ମରେ ଯେଉଁମାନେ ଉତ୍ପୀଡ଼କ, ରକ୍ତଶୋଷକ ସେମାନେ ପୂର୍ବ ଜନ୍ମରେ ସାଧୁ ଥିଲେ । ସେଥିପାଇଁ ସେମାନେ ଏ ଜନ୍ମରେ କ୍ଷମତା ଉପଭୋଗ କରୁଛନ୍ତି । ଭଲ କଥା । ଭାଇମାନେ, ମୁଁ ସ୍ୱୀକାର କରୁଛି ତମର ପୂର୍ବ ପୁରୁଷମାନେ ବେଶ୍ ଚତୁର ଥିଲେ । ସେମାନେ ଯୁକ୍ତି ପ୍ରମାଣ ଓ ଅବିଶ୍ୱାସ ସମସ୍ତ ଚେତନାକୁ ଭାଙ୍ଗି ଚୁରମାର କରି ବଳିଷ୍ଠ ତତ୍ତ୍ୱ ଆବିଷ୍କାରକ ସାଜିବାରେ ଓସ୍ତାଦ ଥିଲେ । କିନ୍ତୁ ସେମାନଙ୍କ ଆବିଷ୍କୃତ ସେଇ ଧାରଣା କେତେ ବଳିଷ୍ଠ ବା ଶକ୍ତିଶାଳୀ ଆସ ଦେଖିବା ।

ବିଖ୍ୟାତ ନ୍ୟାୟାଧୀଶଙ୍କ ମତରେ ଦୋଷୀକୁ ଦଣ୍ଡ ଦେବାର ତିନୋଟି ବା ଚାରୋଟି ବିଧାନ ଅଛି ଏବଂ ତାହା ନ୍ୟାୟ ସଂଗତ । ଯଥା - ପରିଶୋଧନ, ସଂଶୋଧନ ଓ ନିବୃତ୍ତି କରଣ । ପରିଶୋଧନ ତତ୍ତ୍ୱକୁ ବର୍ତ୍ତମାନର ଅଧିକାଂଶ ଅଗ୍ରଗାମୀ ଚିନ୍ତାନାୟକମାନେ ବିରୋଧ କରୁଛନ୍ତି, ନିବୃତ୍ତି କରଣ ତତ୍ତ୍ୱର ମଧ ସେଇ ଅବସ୍ଥା, ସଂଶୋଧନ ତତ୍ତ୍ୱ ହିଁ ଏକମାତ୍ର ତତ୍ତ୍ୱ ଯାହାର ଆବଶ୍ୟକତା ରହିଛି ଏବଂ ଏହା ମାନବ ସମାଜର ପ୍ରଗତି କ୍ଷେତ୍ରରେ ଅପରିହାର୍ଯ୍ୟ । ଏହି ତତ୍ତ୍ୱ ଦୋଷୀ ମଣିଷକୁ ଶାନ୍ତ, ସଂଯତ ମଣିଷ ଭାବରେ ସମାଜର ଅଭ୍ୟନ୍ତରକୁ ପ୍ରତ୍ୟାବର୍ତ୍ତନ କରାଇବାରେ ପ୍ରୟାସ କରିଥାଏ । ବର୍ତ୍ତମାନ ଈଶ୍ୱରଙ୍କ ନ୍ୟାୟାଳୟରେ ଦୋଷୀକୁ ଦଣ୍ଡ ଦେବାର କେଉଁ ବିଧାନଟି କାର୍ଯ୍ୟ କରେ ? ଅର୍ଥାତ୍ ଦୋଷୀକୁ ଶାସ୍ତି ପ୍ରଦାନର ପ୍ରକୃତିଟି କ'ଣ ? କେଉଁ ଲକ୍ଷ୍ୟରେ ତାହା କରାଯାଇଥାଏ ? ତମେମାନେ କହିବ ଈଶ୍ୱର ସେମାନଙ୍କୁ ଗାଈ, ବିରାଡ଼ି, ଗଛ, ଗୁଳ୍ମ, ପଶୁ ହୋଇ ଜନ୍ମ ଦେବାର ଦଣ୍ଡରେ ଦଣ୍ଡିତ କରିଥାନ୍ତି । ତମମାନଙ୍କ ଦୃଷ୍ଟିରୁ ବିଭିନ୍ନ ଧରଣର ଦଣ୍ଡର ପରିମାଣ ୮୪ ଲକ୍ଷ । ମୋର ତମକୁ ପ୍ରଶ୍ନ ଏହା ସୃଷ୍ଟି ହେବା ପରଠାରୁ ମଣିଷକୁ ଭଲ କରିବା କ୍ଷେତ୍ରରେ କି ପ୍ରଭାବ ପକାଇଛି ? କେତେ ଜଣ ଲୋକ ତମକୁ ସାକ୍ଷାତ କରି କହିଛନ୍ତି ଭାଇ ପୂର୍ବଜନ୍ମରେ ପାପ କରିଥିବା ହେତୁ ଏ ଜନ୍ମରେ ମୁଁ ଗଧ ହୋଇ ଜନ୍ମ ନେଲି ? ଜଣେ ହେଲେବି ନୁହଁ । ପୁରାଣରେ କାହାକଥା ଲେଖା ଯାଇଛି - ତମେମାନେ ସେ ସବୁର ଉଦାହରଣ ଦିଅ । ବାସ୍ତବ ଜଗତରେ କେହି କ'ଣ ସ୍ୱୀକାର

Digitized by srujanika@gmail.com

କରିବ ସେ ପୂର୍ବ ଜନ୍ମର ଅପକର୍ମ ହେତୁ ଆଜି ଦଣ୍ଡ ପାଉଛି । ପୁରାଣ ପାଠ କରିବାର ଅବସର ମୋର କମ୍ । ମୋର ଅନୁଭବରେ ପୃଥିବୀର ସର୍ବଶ୍ରେଷ୍ଠ ପାପ ହେଲା ଦାରିଦ୍ର୍ୟ । ଏହା ପାପ ଓ ଦଣ୍ଡ ଉଭୟ । ଦରିଦ୍ର ହେଇ ଜନ୍ମ ହେବା ଠାରୁ ବଡ଼ ପାପ ଆଉ କ'ଣ ଥାଇପାରେ ? ମୁଁ ପଚାରୁଛି ଜଣେ ଅପରାଧ ବିଜ୍ଞାନୀ, ବିଚାରକ ଓ ବୈଧାନିକ ଯେଉଁମାନେ ଆଇନ୍‌ର କର୍ତ୍ତା, ଦଣ୍ଡବିଧାନର ବ୍ୟବସ୍ଥାପକ ସେମାନେ ଯେଉଁ ଦଣ୍ଡ ବିଧାନ କରିଥାନ୍ତି ତଦ୍ଦ୍ୱାରା ଅପରାଧର ମାତ୍ରା ସମାଜରେ ବୃଦ୍ଧିପାଏନା କି ? ଯାକୁ ତମେ କିଭଳି ଭାବରେ ଗ୍ରହଣ କରିବ ? ତୁମର ଭଗବାନ କ'ଣ ଏ ବାବଦରେ କିଛି ଚିନ୍ତା କରି ନାହାନ୍ତି ? ନା । ମଣିଷ ହିଁ ତାର ଅକଥନୀୟ ଯନ୍ତ୍ରଣା ଲବ୍‌ଧ ଅଭିଜ୍ଞତାରୁ ସବୁକଥା ଶିଖିବ ? ଝାଡୁଦାର ପରିବାରରେ ଜନ୍ମ ନେଇଥିବା ଜଣେ ବ୍ୟକ୍ତିର ଭାଗ୍ୟ କ'ଣ ହୋଇପାରେ - ସେକଥା କେହି ଚିନ୍ତା କରୁଛ ? ଝାଡୁଦାର ଗରିବ - ତେଣୁ ସେ ପାଠ ପଢ଼ିପାରିବ ନାହିଁ। ଏକା ପ୍ରକାର ମଣିଷ ହୋଇବି ସେ ଘୃଣା ଓ ଅବଜ୍ଞାର ଶିକାର ହେବ । କାରଣ ସେ ଉଚ୍ଚ ଜାତିରେ ଜନ୍ମ ନେଇନି । ତାର ଅଜ୍ଞତା, ତାର ଦାରିଦ୍ର୍ୟ, ତା' ପ୍ରତି କରାଯାଇଥିବା ବ୍ୟବହାର ଯେ ତାର ହୃଦୟକୁ କଠୋର କରି କରି ଗଢ଼ି ତୋଳେ ଏବଂ ଏହି ପରିସ୍ଥିତିରେ ସେ ଯଦି କୌଣସି ପାପ କରେ କିଏ ତାର ପରିଣାମ ଭୋଗିବ ? ଈଶ୍ୱର ନା ସେ ନିଜେ, ନା ସମାଜର ବିଜ୍ଞଜନ୍ ମାନେ ? କେଉଁ ମାନେ ? ଏବେ ଦେଖାଯାଉ କ୍ରୋଧୀ, ଅହଂକାରୀ ବ୍ରାହ୍ମଣମାନେ, ଯାହାଙ୍କୁ ଇଚ୍ଛାକୃତ ଭାବେ ଅଜ୍ଞ କରି ରଖିଥାନ୍ତି, ସେମାନେ ଯଦି ଆପଣାର ଆଗ୍ରହରୁ ବେଦର ଅଳ୍ପ କେତୋଟି ବାକ୍ୟ ଶୁଣି ପକାଇଛନ୍ତି ତାହେଲେ ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ । ଏବେ ସେମାନଙ୍କ ଅବସ୍ଥା କ'ଣ ହେବ ? ସେମାନେ ଯଦି କିଛି ଅପରାଧ କରିଛନ୍ତି ସେଥିପାଇଁ ଦାୟୀ କିଏ ? କିଏ ସେଇ ଜ୍ୱାଳାକୁ ବହନ କରିବ ?

ପ୍ରିୟ ବନ୍ଧୁଗଣ ମନେରଖ ଉପର ବିବୃତ ପ୍ରଶ୍ନଗୁଡ଼ିକ ସୁବିଧାଭୋଗୀ ମାନଙ୍କର ଆବିଷ୍କାର । ଏ ସବୁ ତତ୍ତ୍ୱ ଜରିଆରେ ସେଇ ଚରମ ସ୍ୱାର୍ଥପର ମଣିଷମାନେ ଆପଣା ଅଧିକୃତ କ୍ଷମତା, ଧନ, ସଂପତ୍ତି ଓ ବଡ଼ିମାର ଯୌକ୍ତିକତା ପ୍ରତିପାଦନ କରନ୍ତି । ସମ୍ଭବତଃ ଅପଟନ୍ ସିନ୍‌କ୍ଲେୟାର କହିଥିଲେ, ଜଣେ ବ୍ୟକ୍ତିକୁ ଭକ୍ତରେ ପରିଣତ କରି ତାକୁ ଅମରତ୍ୱର ଭାଲୁ ଧରାଇ ଦିଅ ତାପରେ ତାର ସମସ୍ତ

Digitized by srujanika@gmail.com

ପଡ଼ିଯାଇଛି ମାନେ - ଏବେ ଅକୁଣ୍ଠ ଭାବରେ ତୁମେ ତାର ସାହାଯ୍ୟ ଲୋଡ଼ିପାର। ଧର୍ମ ପ୍ରଚାରକ ଓ କ୍ଷମତାସୀନଙ୍କର ପବିତ୍ର ଯୋଡ଼ି ଯୋଗୁଁ ଜେଲ୍, ଫାଶୀ, ବନ୍ଧନ ଓ ସର୍ବୋପରି ଏହି ସମସ୍ତ ତତ୍ତ୍ୱଗୁଡ଼ିକର ଉଦ୍ଭବ ଘଟିଛି।

ମୋର ପ୍ରଶ୍ନ - ମୂଳୁ ମାଇଲେ ଯିବ ସରି ନୀତିରେ କାହିଁକି ତୁମର ସର୍ବଶକ୍ତିମାନ ପାପ ଓ ଅପରାଧ କ୍ଷେତ୍ରରୁ ମଣିଷକୁ ନିବୃତ୍ତ କରାଉ ନାହାନ୍ତି ? ସେ ଚାହିଁଲେ ଅକ୍ଲେଶରେ ଏହା ବନ୍ଦ କରିପାରନ୍ତେ ତ ? କାହିଁକି ସେ ଯୁଦ୍ଧଖୋର ମାନଙ୍କୁ ଯୁଦ୍ଧରୁ ନିବୃତ୍ତ କରାଇ ଯୁଦ୍ଧର ବିଭୀଷିକା କବଳରୁ ମାନବସମାଜକୁ ଉଦ୍ଧାର କରୁନାହାଁନ୍ତି ? ଭାରତ ବର୍ଷକୁ ମୁକ୍ତ କରିବାର ଆକାଂକ୍ଷାକୁ ସେ କାହିଁକି ବ୍ରିଟିଶ୍ର ମାନଙ୍କ ହୃଦୟରେ ଜାଗ୍ରତ କରାଇ ପାରୁନାହାଁନ୍ତି ? କାହିଁକି ସେ ପୁଞ୍ଜିପତିମାନଙ୍କ ମନରେ ପରାର୍ଥବାଦୀ ଉଦ୍ଦୀପନା ସୃଷ୍ଟି କରୁନାହାଁନ୍ତି; ଯାହାର ପ୍ରଭାବ ଫଳରେ ପୁଞ୍ଜିପତି, ସଂପତ୍ତିର ବ୍ୟକ୍ତିଗତ ମାଲିକାନା ପରିହାର କରି ଶ୍ରମିକ ଶ୍ରେଣୀ ଓ ସମଗ୍ର ମାନବ ଜାତିକୁ ପୁଞ୍ଜିବାଦର ଯୁଆଳିରୁ ମୁକ୍ତ କରିବ ?

ତମେ ସମାଜବାଦୀ ତତ୍ତ୍ୱ କେତେଦୂର ଯୁକ୍ତିସିଦ୍ଧ ଓ ବାସ୍ତବ ତାହା ଜାଣିବାକୁ ଚାହଁ। ମୁଁ ସେଇ ସର୍ବଶକ୍ତିମାନଙ୍କ ହାତରେ ଛାଡ଼ିଦେଲି - ସେ ଏହାକୁ କାର୍ଯ୍ୟକାରୀ କରାନ୍ତୁ। ସାଧାରଣ ମଙ୍ଗଳ ଲକ୍ଷ୍ୟରେ ଲୋକେ ସମାଜବାଦ ଭଲ ବୋଲି କହିଥାନ୍ତି, କିନ୍ତୁ ଏହାକୁ ବାସ୍ତବାୟିତ କରିବା ଅସମ୍ଭବ ମନେକରି ସେମାନେ ଏହାର ବିରୋଧ କରନ୍ତି। ଆମେ ସର୍ବଶକ୍ତିମାନଙ୍କୁ ଆହ୍ୱାନ କରୁଛୁ ସେ ସମାଜବାଦ ଭଳି ଏକ ଉତ୍ତମ ବ୍ୟବସ୍ଥାକୁ ସୁଚିନ୍ତିତ ଓ ସୁନିୟନ୍ତ୍ରିତ ଢଙ୍ଗରେ ବିନ୍ୟସ୍ତ କରାନ୍ତୁ ନା। ଦୟାକରି ବୁଲେଇ ବଙ୍କେଇ ଯୁକ୍ତି କରିବେନି। କହିବେ ନାହିଁ ଯେ ସବୁ କିଛି ଠିକ୍ ଥିଲା, ଏବେ ଟିକେ ଗଡ଼ବଡ଼ ହୋଇଯାଇଛି।

ଗୋଟାଏ କଥା ଏଠାରେ ମୁଁ ସ୍ପଷ୍ଟ କରି ଦେବାକୁ ଚାହେଁ ଆପଣ କହନ୍ତୁ ବ୍ରିଟିଶ୍ ଶାସନ ଯଦି ଭାରତବର୍ଷରେ ତିଷ୍ଠି ରହିଛି ତାହା କ'ଣ ପ୍ରଭୁଙ୍କର ଇଚ୍ଛା ? ଭାରତ ବର୍ଷରେ ବ୍ରିଟିଶ୍ ଶାସନର ଜଞ୍ଜିର ଯଦି ଶକ୍ତ ହୋଇଥାଏ ତାହେଲେ ଆମେମାନେ ସେଥିପାଇଁ ଦାୟୀ। ଆମେ ତାଙ୍କୁ ସାହସର ସହିତ ବିରୋଧ କରିନୁ। ଈଶ୍ୱର ଆମକୁ ପରାଧୀନତାର ଅନ୍ଧକାର ମଧ୍ୟକୁ ଠେଲିଦେଇ ନାହାଁନ୍ତି - ବରଂ ଏହା ସ୍ୱୀକାର୍ଯ୍ୟ ବୋମା, ବନ୍ଧୁକ, ରାଇଫଲ୍, ବୁଲେଟ୍ ଓ ବିରାଟ ପୋଲିସ ଥାଟ ତଥା

Digitized by srujanika@gmail.com

ସେନାବାହିନୀର ସାହାଯ୍ୟରେ ସେମାନେ (ଇଂରେଜମାନେ) ଆମକୁ ପରାଧୀନତା ଓ ଶୋଷଣମଧକୁ ଠେଲି ଦେଇଛନ୍ତି । ସବୁଠାରୁ ବଡ଼ କଥାହେଲା ଆମର ଉଦାସୀନତା ଓ ବୈରାଗ୍ୟ । ଏହା ଆମକୁ ସେଇ ପାପ କରିବା ପାଇଁ ପ୍ରରୋଚିତ କରିଛି । ଯେଉଁ ପାପ ଯୋଗୁଁ ଗୋଟାଏ ଜାତି ଭାବରେ ଆମେ ଅନ୍ୟ ଏକ ଜାତି ଦ୍ୱାରା କବଳିତ ଓ ଶୋଷିତ । ଏ ପରିସ୍ଥିତିରେ ତମ ଭଗବାନ୍ କ'ଣ କରୁଛନ୍ତି ? କେଉଁଠାରେ ଅଛନ୍ତି ? ଗୋଟାଏ ଜାତିର ଦୁଃଖ ଦୁର୍ଦ୍ଦଶା ଦେଖି ସେ କଣ ଆନନ୍ଦ ଉପଭୋଗ କରୁଛନ୍ତି ? ତାହେଲେ କ'ଣ ଆମେ ଧରିନେବା ସେ ନିରୋ - ସେ ଚେଂଗିଜ୍ ? ଯଦି ତାହା - ତାହେଲେ ସେ ଧ୍ୱଂସ ହୁଅନ୍ତୁ ।

ତମେ ମୋତେ ପଚାରିଛ ମୁଁ କିପରି ପୃଥିବୀ ଓ ମଣିଷର ଉତ୍ପତ୍ତି ବିଷୟଟିକୁ ବିଶ୍ଳେଷଣ କରେ ? ଠିକ୍ ଅଛି - ମୁଁ କହୁଛି । ଏ ଦିଗରେ ଚାର୍ଲସ ଡାର୍‌ଉଇନ୍ ଯଥେଷ୍ଟ ଆଲୋକ ପ୍ରଦାନ କରିଛନ୍ତି । ତାଙ୍କୁ ପଢ଼ । ମୋହନ ସ୍ୱାମୀଙ୍କର ସାଧାରଣ ଜ୍ଞାନ ବିଷୟକ ଲେଖାଟିକୁ ପଢ଼ । ଏଥିରେ ତମ ପ୍ରଶ୍ନର କିଛି କିଛି ଉତ୍ତର ରହିଛି । ନିହାରିକା ଆକୃତିର କିଛି ମହାକାଶୀୟ ଶରୀରର ଆକସ୍ମିକ ମିଶ୍ରଣରେ ପୃଥିବୀ ସୃଷ୍ଟି ହେଲା । କେତେବେଳେ ସୃଷ୍ଟି ହେଲା ଏ ବାବଦରେ ଇତିହାସର ପୃଷ୍ଠା ଲେଉଟାଅ ଜାଣିବାକୁ ପାଇବ । ସେଇ ଏକା ପ୍ରକାର ପଦ୍ଧତିରେ ପଶୁ ଓ ମଣିଷ ସୃଷ୍ଟି ହୋଇଛନ୍ତି । ପଶୁ ଓ ମଣିଷର ଉତ୍ପତ୍ତି ସମ୍ପର୍କିତ ପ୍ରଜାତିର ମୂଳ (ଡାରଉଇନ୍) ପୁସ୍ତକଟି ପଢ଼ । ଏହାର ପରବର୍ତ୍ତୀ ଅଗ୍ରଗତି ହେଉଛି ପ୍ରତିନିୟତ ମଣିଷର ପ୍ରକୃତି ସହିତ ସଂଘର୍ଷ ଓ ତାକୁ ଜୟ କରିବାର ଇଚ୍ଛା । ଏହାହିଁ ଘଟଣା ପ୍ରବାହର ସଂକ୍ଷିପ୍ତ ଓ ସାମାନ୍ୟ ବିଶ୍ଳେଷଣ ।

ତୁମମାନଙ୍କ ମନରେ ଆଉ କିଛି ପ୍ରଶ୍ନ ଉଙ୍କି ମାରୁଥିବ, ଯଥା - ଜଣେ ଶିଶୁ ଅନ୍ଧ ବା କେମ୍ପା ହୋଇ କରି କାହିଁକି ଜନ୍ମଲାଭ କରେ, ଯଦି ତାର ପୂର୍ବଜନ୍ମର ସୁକୃତ ବୋଲି କିଛି ନାହିଁ ? ଏହି ପ୍ରଶ୍ନର ଉତ୍ତର - ଜୀବ ବିଜ୍ଞାନୀମାନଙ୍କ ଦ୍ୱାରା ବିଶ୍ଳେଷିତ ହୋଇଛି । ସେମାନଙ୍କ ମତରେ ଏହା ଏକ ଜୈବିକ ପ୍ରକ୍ରିୟା ଏ କ୍ଷେତ୍ରରେ ହୁଏତ ପିତାମାତା କିମ୍ବା ତାଙ୍କର ପିତାମାତାଙ୍କର ଶାରୀରିକ ଗଠନ ପ୍ରଭାବ ପିଲାମାନଙ୍କୁ ଭୋଗିବାକୁ ପଡ଼ିଥାଏ ।

ତୁମର ମନରେ ଆହୁରି ଏପରି ଏକ ପ୍ରଶ୍ନ ଥାଇପାରେ ଯାହା ନିହାତି ପିଲାଳିଆମୀ ହେତୁ ତମ ମନରେ ସୃଷ୍ଟି ହୁଏ । ପ୍ରଶ୍ନ ହେଲା - ଯଦି ଈଶ୍ୱରଙ୍କର

Digitized by srujanika@gmail.com

ଅସ୍ତିତ୍ୱ ନାହିଁ, ଲୋକେ କ'ଣ ତାଙ୍କୁ ଶୂନ୍ୟରୁ ବିଶ୍ୱାସ କରୁଛନ୍ତି ? ଏ କ୍ଷେତ୍ରରେ ମୋର ଉତ୍ତର ସ୍ପଷ୍ଟ ଓ ସଂକ୍ଷିପ୍ତ । ଲୋକେ ଯେମିତି ଭୂତ ପ୍ରେତରେ ବିଶ୍ୱାସ କରନ୍ତି ସେମିତି ଈଶ୍ୱରରେ ବିଶ୍ୱାସ କରନ୍ତି । ପାର୍ଥକ୍ୟ ଏତିକି ଯେ ଈଶ୍ୱର ବିଶ୍ୱାସ ସାର୍ବଜନୀନ ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀରୁ ବିକଶିତ । ଭୂତପ୍ରେତର ବିଶ୍ୱାସ ପଛରେ ବିଧିବଦ୍ଧ ସାଂଗଠନିକ ଓ ଦାର୍ଶନିକ ଧାରା ନାହିଁ ଓ ତାହା ସାର୍ବଜନୀନ ନୁହଁ । ଅନ୍ୟ କେତେକ ବିପ୍ଳବୀଙ୍କ ପରି ମୁଁ କହିବାକୁ ଚାହେଁନା ଯେ ଈଶ୍ୱରର ଅସ୍ତିତ୍ୱ ପ୍ରଚାର କିଛି ଉତ୍ପୀଡ଼କ ଶୋଷକ ଶ୍ରେଣୀ ଲୋକଙ୍କର ସାଧାରଣ ଲୋକଙ୍କୁ ଦାସ ବନେଇବାର କୌଶଳ । ମୋର ସେଇ ବନ୍ଧୁମାନଙ୍କ ମତରେ କିଛି ଲୋକ ସର୍ବଶକ୍ତିମାନଙ୍କ ନାମୋଚ୍ଚାରଣ ପୂର୍ବକ ତାଙ୍କର ବରପୁତ୍ର ଭାବରେ ତାଙ୍କର ଆଶୀର୍ବାଦ ଲାଭ କରି ତାଙ୍କଠାରୁ ଯୁକ୍ତି ସଂଗ୍ରହ କରି ଏଭଳି ଉଚ୍ଚାସନରେ ଆରୂଢ଼ ହୋଇ ଲୋକଙ୍କୁ ଭୁଲାଇଥାନ୍ତି ।

ଅବଶ୍ୟ ସେଇ ବନ୍ଧୁମାନଙ୍କ ମତ ସହ ମୋ ମତର ମୌଳିକ କୌଣସି ପାର୍ଥକ୍ୟ ନାହିଁ। ଏହା ସ୍ୱୀକୃତ ଯେ ଈଶ୍ୱର ବିଶ୍ୱାସ, ଧର୍ମ ଓ ନୈତିକତା ଇତ୍ୟାଦି ଉତ୍ପୀଡ଼କ ଶୋଷକ ଶ୍ରେଣୀର ସ୍ୱାର୍ଥ ସାଧନରେ ସହାୟକ । ପ୍ରାୟତଃ ଅଧିକାଂଶ ଧର୍ମ ମତରେ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ପ୍ରଜା ପକ୍ଷେ ଅନ୍ୟାୟ ଓ ପାପ ।

ଈଶ୍ୱରଙ୍କର ଉତ୍ପତ୍ତି ସମ୍ପର୍କରେ ମୋର ନିଜସ୍ୱ ଚିନ୍ତା ହେଲା ଗୋଟାଏ ସମୟରେ, ମଣିଷର ସୀମାବଦ୍ଧତା ଅନୁଧ୍ୟାନପୂର୍ବକ ତାର ଦୁର୍ବଳତା ଓ ଅକ୍ଷମତାକୁ ଆଖି ଆଗରେ ରଖି ଈଶ୍ୱରଙ୍କ କାଳ୍ପନିକ ଅସ୍ତିତ୍ୱର ଆରୋପ ଘଟିଥିଲା । ବିଭିନ୍ନ ଭୟାନକ କଷ୍ଟଦାୟକ ପରିସ୍ଥିତିକୁ ସାହସର ସହିତ ସମ୍ମୁଖୀନ ହେବା ପାଇଁ ବ୍ୟକ୍ତିଗତ ଉନ୍ନତିରେ ଅଯଥା ଗର୍ବ ଓ ଅହଂକାରର ଶିକାର ନହେବା କ୍ଷେତ୍ରରେ ସବୁଥିରେ ମଣିଷ ପାଇଁ ଏକ ପିତୃସୁଲଭ ଦିଗ୍‌ଦର୍ଶକର ଭୂମିକା ଗ୍ରହଣକାରୀ ଅସ୍ତିତ୍ୱ ଭାବରେ ଈଶ୍ୱରର ପରିକଳ୍ପନା ହୋଇଥିଲା । ସେଥିପାଇଁ ତାଙ୍କୁ ପିତା, ମାତା, ଭ୍ରାତା, ଭଗ୍ନୀ, ବନ୍ଧୁ, ସହାୟକ ଭାବରେ ଗ୍ରହଣ କରାଯାଇଥାଏ । ସବୁବେଳେ ତାଙ୍କଠାରେ ପିତୃତ୍ୱର ଗୁଣାବଳୀମାନ ଦେଖାଇ ଦିଆଯାଏ । ମଣିଷ ଦୁଃଖ ଓ ହତାଶାକୁ ଭୁଲିଯିବା ସକାଶେ ପରାଜୟ ଓ ଧୋକାବାଜରେ ବନ୍ଧୁହୀନ ଓ ନିଃସଂଗତାର ଦୀର୍ଘଶ୍ୱାସ ଛାଡୁଥିଲାବେଳେ ଈଶ୍ୱରନାମକ ବନ୍ଧୁଟିଏ ତାଙ୍କୁ

Digitized by srujanika@gmail.com

ସାହାଯ୍ୟ କରିବା ପାଇଁ ଅଛନ୍ତି ବୋଲି ଭାବି ସେ ସାନ୍ତ୍ୱନା ଲାଭ କରେ । ପୁରାକାଳରେ ଏହାର ସମାଜ ପାଇଁ ଉପଯୋଗିତା ଥିଲା ।

ବିପନ୍ନ ଅବସ୍ଥାରେ ଈଶ୍ୱର ଚିନ୍ତା ମଣିଷ ପାଇଁ ସହାୟକ ହୋଇଥାଏ । ଏବେବି ମଧ୍ୟ ସମାଜ ଏହି ଧାରଣା ପାଖରେ ଅଟକି ରହିଛି । କିନ୍ତୁ ମୂର୍ତ୍ତିପୂଜା ଓ ସଂକୀର୍ଣ୍ଣ ଧର୍ମଧାରଣା ବିପକ୍ଷରେ ସମାଜ ଆଜି ସଂଗ୍ରାମରତ ହେବାର ବେଳ ଆସିଯାଇଛି । ମଣିଷ ଯେତେବେଳେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବ - ଯେତେବେଳେ ସେ ବାସ୍ତବବାଦୀ ହେବ ସେତେବେଳେ ତାକୁ ଏସବୁ (ଈଶ୍ୱର) ବିଶ୍ୱାସକୁ ପରିହାର କରିବାକୁ ପଡ଼ିବ । ଏଥିପାଇଁ ପରିସ୍ଥିତି ଯେତେ ବିପଦସଂକୁଳ ହେଉନା କାହିଁକି ବ୍ୟକ୍ତିଗତ ଭାବରେ ହତାଶା ଓ ସଂକଟ ଯେତେ ଗଭୀର ହେଉପଛେ ମାନବୀୟ ଢଙ୍ଗରେ ସେ ତା'ର ମୁକାବିଲା କରିବ । ଏ କ୍ଷେତ୍ରରେ ଏପରିକି ସେ ବାହାରକୁ ଫିଙ୍ଗା ହୋଇ ଯାଇପାରେବି - ଯାହା ଆଜି ମୋର ଅବସ୍ଥା । ଏହା ବିଶ୍ୱାସ କରନ୍ତୁ ଏହା ମୋର ଦମ୍ଭ ବା ଅହଙ୍କାର ନୁହଁ । ଏହା ଏପରି ଏକ ଚିନ୍ତା ପଦ୍ଧତି ଯାହା ମୋତେ ନାସ୍ତିକ ହେବାରେ ସାହାଯ୍ୟ କରିଛି । ମୋ ପକ୍ଷରେ ଈଶ୍ୱର ବିଶ୍ୱାସ କରିବା ଓ ସଂଜ ସକାଳେ ଈଶ୍ୱରଙ୍କ ପୂଜା ଅର୍ଚ୍ଚନା କରିବା ମଣିଷ ପାଇଁ ସ୍ୱାର୍ଥ ପ୍ରଚୋଦିତ ନିମ୍ନମାନର କ୍ରିୟା । ପ୍ରାର୍ଥନା ମୋର ଉପକାରରେ ଆସିବ କି କ୍ଷତି କରିବ କହିପାରିବିନି । କିନ୍ତୁ ନାସ୍ତିକ ମାନେ ସଂପୂର୍ଣ୍ଣ ସାହସର ସହିତ ପରିସ୍ଥିତିର ମୁକାବିଲା କରିପାରିବେ ଏହା ମୁଁ ଜାଣେ । ମୁଁ ଜଣେ ମଣିଷ ଭାବରେ ମୁଣ୍ଡଟେକି ଛିଡ଼ା ହେବାପାଇଁ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରୁଛି । ଏପରିକି ଫାଶୀ ଖୁଣ୍ଟରେ ଝୁଲିବା ପର୍ଯ୍ୟନ୍ତ । ଦେଖାଯାଉ କେତେଦିନ ଯାଏ ମୁଁ ଏହି ରାସ୍ତାରେ ସ୍ଥିର ରହିପାରିବି ।

ଜଣେ ହିତାକାଂକ୍ଷୀ ଏ କ୍ଷେତ୍ରରେ ମୋତେ ପ୍ରାର୍ଥନା କରିବାକୁ ଅନୁରୋଧ ଜଣାଇ କହିଛନ୍ତି ଯେ, ମୃତ୍ୟୁ ପୂର୍ବର ଶେଷଦିନମାନଙ୍କରେ ତୁମେ ଈଶ୍ୱରରେ ବିଶ୍ୱାସ କରିବ ନିଶ୍ଚୟ । ଉତ୍ତରରେ ମୁଁ ତାଙ୍କୁ କହିଥିଲି, ମହାଶୟ ! ଏହା ଘଟିବନି । କାରଣ ଏବେବି ମଧ୍ୟ ମୁଁ ଭାବେ ଏହା ଏକ ନୈତିକତା ବିବର୍ଜିତ ଅଧପତିତ କ୍ରିୟା । କୌଣସି ସ୍ୱାର୍ଥକୁ ଆଖିଆଗରେ ରଖି ମୁଁ ପ୍ରାର୍ଥନା କରିବାକୁ ଚାହେଁନାହିଁ । ପାଠକ ବନ୍ଧୁଗଣ ! ଏହା କଣ ମୋର ଅହଂକାର ? ଯଦି ତାହା ହୁଏ ତାହେଲେ, ମୁଁ ତାକୁ ସମର୍ଥନ କରେ ।

◆ ◆ ◆

Digitized by srujanika@gmail.com

ପଢ଼ନ୍ତୁ ଓ ପଢ଼ାନ୍ତୁ

ଲିଟ୍‌ଲ ଚେଷ୍ଟ ସିରିଜ୍‌ର ଅନ୍ୟାନ୍ୟ ପୁସ୍ତକ

ସମାଜବାଦ କାହିଁକି ? - ଟ ୫.୦୦
ଆଇନ୍‌ଷ୍ଟାଇନ୍

Why Socialism ? - Rs. 7.00
Albert Einstein

ଜନଗଣଙ୍କୁ ଶାସକର ଚିଟାଉ - ଟ.୨.୫୦
କୁଳମଣି ଜେନା

ଚେଲ ଭାଗବତ - ଟ. ୨.୫୦
କୁଳମଣି ଜେନା

ବୋଲବମ୍ - ଟ. ୨.୫୦
କୁଳମଣି ଜେନା

ନାରୀମୁକ୍ତି ଇସ୍ତାହାର - ଟ. ୨.୫୦
କୁଳମଣି ଜେନା

Digitized by srujanika@gmail.com